ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.157 Bhubaneswar Sunday August 07 2022 | ୨୫ତମ ବର୍ଷ ସଂଖ୍ୟା–୧୫୭ ଭୁବନେଶ୍ୱର, ରବିବାର, ଅଗଷ୍ଟ ୦୭, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


## କୁସ୍ତିରେ ଭାରତ ପାଇଁ ୪ର୍ଥ ସ୍ୱର୍ଣ୍ଣ ଜିତିଲେ ରବି କୁମାର



ବର୍ମିଂହାମ,୬।୮(ପି.ଏନ): ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାର ରେସଲିଂରୁ ଭାରତର ପଦକ ବର୍ଷା ଜାରି ରହିଛି। ପ୍ରଥମ ଦିନରେ ୩ଟି ସ୍ୱର୍ଣ୍ଣ ଜିତିଥିବା ଭାରତ ଆଜି ଆଉ ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଛି। ୫୭ କେଜି ଫ୍ରିଷ୍ଟାଇଲ କୁସ୍ତିରେ ଭାରତର ଷ୍ଟାର ରେସଲର ରବି କୁମାର ଦାହିୟା ଦେଶ ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅଲିମ୍ପିକ୍ସ ପଦକ ବିଜେତା ରବି କୁମାର ଆଜି ଆରମ୍ଭରୁ ହିଁ ନିଜର ଦବଦବା ଦେଖାଇଛନ୍ତି।ଏଥିସହ ଭାରତ ପାଇଁ କୁସ୍ତିରେ ୪ର୍ଥ ସ୍ୱର୍ଣ୍ଣ ହାସଲ କରିଛନ୍ତି। ଏହାକୁ ମିଶାଇ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି।ଆଜିର ଫାଇନାଲ ମ୍ୟାଚ୍‌ରେ ରବି କୁମାରଙ୍କ ମୁକାବିଲା ନାଇଜେରିଆର ୱେଲସନଙ୍କ ସହ ହୋଇଥିଲା। ତେବେ ତାଙ୍କୁ ରବି କୁମାର ବେଶ ସହଜରେ ୧୦–୦ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରବି ଗୋଟିଏ ମୁଭରେ ହିଁ ୮ ପଏଣ୍ଟ ହାସଲ କରିଥିଲେ। ଏହାପରେ ଏଥିରେ ଆଉ ୨ ପଏଣ୍ଟ ଯୋଡି ମ୍ୟାଚ୍ ଅଧାରୁ ହିଁ ବିଜୟୀ ହୋଇଥିଲେ।୨୦୨୨ ଟୋକିଓ ଅଲିମ୍ପିକ୍ସରେ ରବି କୁମାର ଦାହିୟା ରୌପ୍ୟ ପଦକ ଜିତିଥିଲେ। ସେହିପରି ସେ ସେ ୩ଥର ଏସିଆନ ଚାମ୍ପିୟନସିପ୍‌ରେ ଗୋଲ୍ଡ ମେଡାଲ ପାଇଛନ୍ତି। ରବି କୁମାରଙ୍କ ପୂର୍ବରୁ ପୂଜା ଗେହଲଟ ମହିଳା ୫୦ କେଜି ବର୍ଗରେ ଭାରତ ପାଇଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

## ଭକ୍ତଙ୍କ ଦର୍ଶନ ନିମନ୍ତେ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର

ପୁରୀ, ୬।୮(ପି.ଏନ): ଭକ୍ତଙ୍କ ଦର୍ଶନ ନିମନ୍ତେ ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର । ସାଧାରଣ ଭକ୍ତ ଯେପରି ଦର୍ଶନ କରିପାରିବେ, ସେନେଇ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯିବ । ଆଜି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏନେଇ ନିଷ୍ପତି ଗ୍ରହଣ କରାଯାଇଥିବା ସମ୍ପର୍କରେ ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ । ସେହିପରି ଶ୍ରୀମନ୍ଦିରରେ ଦର୍ଶନ ପାଇଁ ରତ୍ନ ସିଂହାସନ ନିକଟରେ ବ୍ୟାରିକେଡ୍ ଲଗାଯିବ । ରୋଷଘର ନିକଟକୁ ଯେପରି ଭକ୍ତ ମାନେ ଯାଇନପାରିବେ ସେନେଇ ବ୍ୟାରିକେଡ୍ ବ୍ୟବସ୍ଥା ମଧ କରାଯିବ ।

## ଓଡିଆ ଯବାନଙ୍କ ଗୁଳିବର୍ଷାରେ ଓଡିଆ ଏଏସଆଇ ମୃତ



କୋଲକାତା,୬।୮(ପି.ଏନ): ଛୁଟି ନ ମିଳିବାରୁ ଭୟଙ୍କର କାଣ୍ଡ ଘଟାଇଛନ୍ତି ସିଆଇଏସଏଫରେ କାମ କରୁଥିବା ଜଣେ ଓଡିଆ ଯବାନ। ସିଆଇଏସଏଫରେ ହେଡ କନଷ୍ଟେବଲ ଭାବେ କାମ କରୁଥିବା ଓଡିଶାର ଅକ୍ଷୟ ମିଶ୍ର ଆଜି ନିଜର ଉପରିସ୍ଥ ଅଧିକାରୀ ଓ ଆଉ ଜଣେ ସହଯୋଗୀଙ୍କ ଉପରକୁ ଆଖିବୁଜା ଗୁଳିବର୍ଷା କରିଛନ୍ତି। ପଶ୍ଚିମବଙ୍ଗର ରାଜଧାନୀ କୋଲାକତାରେ ଥିବା ଇଣ୍ଡିଆନ ମ୍ୟୁଜିୟମ ସହ ଜଡିତ ଗୋଟିଏ ବାରାକରେ ଏପରି ଘଟଣା ଘଟିଛି। କନଷ୍ଟେବଲ ଅକ୍ଷୟ ମିଶ୍ରଙ୍କ ଗୁଳିମାଡରେ ଏସଏସ୍ ?ଆଇ ଆରକେ ଷଡ଼ଙ୍ଗୀ ପ୍ରାଣ ହରାଇଛନ୍ତି। ଏସଆଇ ଷଡ଼ଙ୍ଗୀଙ୍କ ଘର ମଧ୍ୟ ଓଡ଼ିଶାରେ ବୋଲି ଜଣାପଡିଛି। ଗୁଳିମାଡ଼ରେ ସିଆଇଏସଏଫ କମାଣ୍ଡାଣ୍ଟ ସୁବୀର ଘୋଷ ଗୁରୁତର ଆହତ ହୋଇଛନ୍ତି।ମିଳିଥିବା ସୂଚନା ଅନୁସାରେ, ଅକ୍ଷୟ ମିଶ୍ର ଛୁଟି ମାଗି ନିରାଶ ହେବାରୁ ନିଜ ଏକେ ୪୭ରୁ ୨୫ରୁ ୩୦ ରାଉଣ୍ଡ ଗୁଳିମାଡ଼ କରିଛନ୍ତି।ଘଟଣାସ୍ଥଳରେ ଉପସ୍ଥିତ ଥିବା କୋଲକାତା ପୁଲିସ କମିଶନର ଭିନୀତ ଗୋଏଲ କହିଛନ୍ତି, "ଘଟଣାଟି ଆଜି ସନ୍ଧ୍ୟା ପ୍ରାୟ ୬.୩୦ରେ ଘଟିଛି। ଗୁଳିମାଡରେ ଘଟଣାରେ ଜଣେ ସିଆଇଏସଏଫ ଯବାନ ପ୍ରାଣ ହରାଇଥିବା ବେଳେ ଆଉ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ଆମେ ଅଭିଯୁକ୍ତ କନଷ୍ଟେବଲଙ୍କୁ ଗିରଫ କରିଛୁ।"ଅଭିଯୁକ୍ତ ଜଣଙ୍କ ଗୋଟିଏ ପୁଲିସ୍ କାର ଉପରକୁ ମଧ ଗୁଳି ଚଳାଇଥିଲେ। ଏଥିରେ କାର ଡ୍ରାଇଭରଙ୍କ ସମେତ ଏକାଧିକ ପୁଲିସ କର୍ମଚାରୀ ଆହତ ହୋଇଥିବା ଗୋଟିଏ ସୂତ୍ରରୁ ଜଣାପଡିଛି। ଗୁଳିମାଡର ଖବର ପାଇଁ ଅନେକ ବରିଷ୍ଠ ଅଧିକାରୀ ଓ ସୁରକ୍ଷାକର୍ମୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। କୋଲକାତାର ପ୍ରମୁଖ ସ୍ଥାନରେ ଏହି ମ୍ୟୁଜିୟମଟି ରହିଛି। ଏହା ଏକ ସ୍ୱୟଂଚାଳିତ ସଂଗଠନ। ତେବେ ଏହାର ପ୍ରଶାସନିକ ବ୍ୟବସ୍ଥା କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଚାଲିଥାଏ। ଏହାର ସୁରକ୍ଷା ଦାୟିତ୍ୱ ୨୦୧୯ ଡିସେମ୍ବରରୁ ସିଆଇଏସଏଫ ଯବାନମାନେ ବୁଝୁଛନ୍ତି।

## ଆନ୍ଧ୍ରକୁ କାମକରିବାକୁ ଯାଉଥିବା ୭ ନାବାଳିକା ଉଦ୍ଧାର

ମାଲକାନଗିରି,୬।୮(ପି.ଏନ):ଆନ୍ଧ୍ରରେ ଦାଦନ ଶ୍ରମିକ ଭାବେ କାମକରିବାକୁ ଶୁକ୍ରବାର ୭ଜଣ ନାବାଳିକାଙ୍କୁ ଚାଲାଣ କରାଯାଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇଥିଲା ମାଲକାନଗିରି ଚାଇଲ୍ଡ ଲାଇନ । ପରେ ଘଟଣାସ୍ଥଳରେ ପହଂଚିଥିଲା ଚାଇଲ୍ଡ ଲାଇନର ଏକ ଟିମ୍ । ନାବାଳିକାଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ ସୁରକ୍ଷା ସମିତି ଅଧକ୍ଷଙ୍କ ପାଖରେ ହାଜର କରାଯାଇଥିଲା । ଘଟଣାର ତଦନ୍ତ ପାଇଁ ନାବାଳିକା ମାନେ ଗୋଟିଏ ଦିନ ସୁଧାର ଗୃହରେ ରହିଥିଲେ ଆଜି ( ଶନିବାର ) ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ଜିଲ୍ଲା ଶିଶୁ ସୁରକ୍ଷା ସମିତି । ସମସ୍ତ ନାବାଳିକା କୋରକୁଣ୍ଡା ବ୍ଲକ କାମବେଡା ଅଂଚଳର '' ସେମାନଙ୍କୁ ସରକାରଙ୍କ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ କହିଛନ୍ତି ଶିଶୁ ମଙ୍ଗଳ କମିଟି ଅଧକ୍ଷ । କୋରୋନା ପରେ ସେମାନଙ୍କ ଆର୍ଥିକ ସ୍ଥିତି ବିଗିଡି ଯାଇଛି । ଯାହାର ଫାଇଦା ଉଠାଉଛନ୍ତି ଦଲାଲ ।

## ୫୨ ଲିଟର ମଦ ଜବତ, ୨ ଗିରଫ

ବଲାଙ୍ଗିର, ୬।୮(ପି.ଏନ): ପାଟଣାଗଡ଼ ଉପଖଣ୍ଡ ଘସିଆନ ଗାଁରେ ପାଟଣାଗଡ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୫୨ ଲିଟର ଦେଶୀ ରନ୍ଧାମଦ ଜବତ କରାଯିବା ସହ ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ଗିରଫ କରାଯାଇଛି । ପାଟଣାଗଡ଼ ଅବକାରୀ କେସ୍ ନଂ ୭୫/୨୨ ଓ ୭୬/୨୨ ରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିବା ଅବକାରୀ ଅଧିକାରୀ ସତ୍ୟବ୍ରତ ଦାସ ସୂଚନା ଦେଇଛନ୍ତି ।

## ଓଡ଼ିଶା ଗସ୍ତରେ କେନ୍ଦ୍ର ଗୃହ ଏବଂ ସମବାୟ ବିଭାଗ ମନ୍ତ୍ରୀ ଶ୍ରୀ ଅମିତ ଶାହା

ଭୁବନେଶ୍ୱର, ୬।୮(ପି.ଏନ): ଆସନ୍ତାକାଲି ଅଗଷ୍ଟ ୭ ତାରିଖ ଓ ୮ତାରିଖ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ଗୃହ ଓ ସମବାୟ ବିଭାଗମନ୍ତ୍ରୀ ଶ୍ରୀ ଅମିତ ଶାହା ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଆଜି ସୂଚନା ଦେଇଛନ୍ତି ।ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଗସ୍ତ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ ଶ୍ରୀ ମହାନ୍ତି କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହା ଆସନ୍ତାକାଲି ୭ ତାରିଖ ସଂଧାରେ ଦିଲ୍ଲୀରୁ ବାହାରି ଭୁବନେଶ୍ୱରରେ ପହଂଚିବା ପରେ ବିମାନବନ୍ଦରଠାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଶ୍ରୀ ଶାହା ଭୁବନେଶ୍ୱରରେ ରାତ୍ରଯାପନ କରିବେ । ୮ତାରିଖ ସକାଳେ ଶ୍ରୀ ଶାହା ଭୁବନେଶ୍ୱରରେ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କୁ ଦର୍ଶନ କରିବେ। ଏହା ପରେ କଟକ ଗସ୍ତ କରି ଶ୍ରୀ ଶାହା ପ୍ରଥମେ ଓଡିଆ ବଜାରସ୍ଥିତ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ପରିଦର୍ଶନ କରିବା ସହିତ ତାଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବେ। ଏହା ପରେ କଟକ ଇଣ୍ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ସମ୍ବାଦପତ୍ର ପ୍ରଜାତନ୍ତ୍ରର ୭୫ ତମ ବାର୍ଷିକ ଉତ୍ସବ "ପ୍ରଜାତନ୍ତ୍ରର ଅମୃତ ଉତ୍ସବ" କାର୍ଯ୍ୟକ୍ରମରେ ଯୋଗ ଦେବେ । କଟକ ଗସ୍ତ ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହାଙ୍କୁ ଫୁଲନଖରା, ଲିଙ୍କରୋଡ, ନିଶାମଣି ପଣ୍ଡପ, ପାଲା ମଣ୍ଡପ, ବାଦାମବାଡି, ଦୋଳ ମୁଣ୍ଡେଇ, ହରିପୁର ଓ ସେମିନାର ଛକ, ଦରଘାବଜାର ଛକରେ ବିଜେପି କାର୍ଯ୍ୟକର୍ତାଙ୍କ ଦ୍ୱାରା ସ୍ୱାଗତ କରାଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।ଅପରାହ୍ନରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହା ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ପ୍ରମୁଖ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତାଙ୍କ ସହ ଆଲୋଚନା କରିବେ। ଏହା ପରେ ଅପରାହ୍ନ ୫ଟାରେ "ମୋଦି ଅ ୨୦" ପୁସ୍ତକର ବୁକ୍ ରିଡିଂ କାର୍ଯ୍ୟକ୍ରମରେ ଯୋଗଦେଇ ସଂଧାରେ ଦିଲ୍ଲୀ ଅଭିମୁଖେ ଗସ୍ତ କରିବେବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି ।କେନ୍ଦ୍ର ଗୃହ ଓ ସମବାୟ ବିଭାଗ ମନ୍ତ୍ରୀ ଶ୍ରୀ ଶାହାଙ୍କ ଓଡ଼ିଶା ଗସ୍ତକୁ ନେଇ ବିଜେପି କାର୍ଯ୍ୟକର୍ତାଙ୍କ ମନରେ ଉତ୍ସାହ ରହିଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସଂପାଦିକ ସିପ୍ରା ବାଜପେୟୀ ଓ ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବଲାଙ୍ଗିର ଜିଲ୍ଲାରେ ଡେଙ୍ଗୁ ଓ ମେଲେରିଆ 'କ୍ଲିନ ଅଫ ଅଭିଯାନ' କୁ ନେଇ ବୈଠକ

ବଲାଙ୍ଗିର ,୬।୮(ପି.ଏନ):ବଲାଙ୍ଗିର, ଜିଲ୍ଲା ରେ ଡେଙ୍ଗୁ ଓ ମେଲେରିଆ ର ପ୍ରବଣତା କୁ ଲକ୍ଷ କରି ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ (ଓଡିଶା ସରକାର) ଙ୍କ ତରଫରୁ ଆଜି ଜିଲ୍ଲା ସହର ମଧ୍ୟରେ ଅବସ୍ଥାପିତ ସ୍ୱେଚ୍ଛାସେବୀ ସେବୀ ଅନୁଷ୍ଠାନ ମାନଙ୍କୁ ନେଇ ଏକ ବୈଠକ ଜାତୀୟ ସ୍ୱାସ୍ଥ୍ୟ ମିଶନସଭାଗୃହ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକ ରେ ଡେଙ୍ଗୁ ଓ ମେଲେରିଆ ମଶା ର ପ୍ରକାରିଧ୍ୱି, ତାର ପାର୍ଦୁଭାବ, ବ୍ୟାପକତା ଓ ଏହାର ନିରାକରଣ ସମ୍ବନ୍ଧରେ ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଚିକିତ୍ସାଧିକାରୀ ଡା. କୁବେର ଚନ୍ଦ୍ର ମହନ୍ତ, ସବିଶେଷ ଧାରଣା ଦେଇଥିବାବେଳେ, ଜିଲ୍ଲା ଜାତୀୟ ଜନ ସ୍ୱାସ୍ଥ୍ୟ ବିଭାଗ ଡା. ଦିବ୍ୟ କିଶୋର ପତି ଏହାର ଭିନ୍ନ ଦିଗ ଓ ସଚେତନତା ମୂଳକ ପଦକ୍ଷେପ ଗ୍ରହଣ ପାଇଁ ସଭିଙ୍କ ମିଳିତ ସହଯୋଗ ଲୋଡ଼ିଥିଲେ କ୍ଷ ଜିଲ୍ଲା ଜାତୀୟ ମିଶନ ମେନେଜର ଶ୍ରୀ ମୃତ୍ୟୁଞ୍ଜୟ ମୁଣ୍ଡ ଏହି ଚଳିତ ବର୍ଷ ର ଡେଙ୍ଗୁ ଓ ମେଲେରିଆ ର ସାମ୍ପ୍ରତିକ ସ୍ଥିତି ଯାହା ପାଂଚ ଗୋଟି ଡେଙ୍ଗୁରୋଗ ପ୍ରଭାବିତ ରୋଗୀ ସେମାନଙ୍କୁ ବଲାଙ୍ଗିର ଜିଲ୍ଲାରେ ବିହିତ ସ୍ୱାସ୍ଥ୍ୟ ସେବା ଦେଇ ଆରୋଗ୍ୟ ଥିବା ବର୍ଣ୍ଣନା କରିଥିବାବେଳେ ଜିଲ୍ଲା ରେ ମେଲେରିଆ ରେ ଆକ୍ରାନ୍ତ ସଂଖ୍ୟା କ୍ରମଶଃ କମି,କମି ଏବେ ପ୍ରାୟତଃ ପଚାଶ ଶତକଡା କୁ ନିମ୍ନ ଗାମୀ ହୋଇ ସାରିଛି ବୋଲି ବର୍ଣନା କରିଥିଲେ ଓ ଏହାପାଇଁ ତଥାପି ସାମୁହିକ ପ୍ରଚେଷ୍ଟା, ପଦକ୍ଷପ ଓ ଜନସଚେତନତା ର ଆବଶ୍ୟକ ଅଛି ବୋଲି ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ମାନେ ମତବ୍ୟକ୍ତ କରିଥିଲେ କ୍ଷ ଏହାପାଇଁ ଗୋଟିଏ କ୍ରିୟାଶୀଳ ଯୋଜନା ପାଇଁ ଶ୍ରୀ ସତ୍ୟ ରଞ୍ଜନ ମିଶ୍ର ପ୍ରସ୍ତାବ ଦେଇଥିବାବେଳେ, ଏହି ଅଭିଯାନ କୁ ସହରର ବିଭିନ୍ନ ପ୍ରାନ୍ତ ରେ ବିଭାଗୀକରଣ କରି ସଚେତନତା ମୂଳକ ଅଭିଯାନ ପାଇଁ ବିଭିନ୍ନ ପଥ ପ୍ରାନ୍ତ ନାଟକ, ସଚେତନତା ପତ୍ର ବଂଟନ ପାଇଁ ସଂଗଠନ ମାନଙ୍କୁ ଦାଇତ୍ୱ ଦିଆଯାଇଥିଲା ଉପରୋକ୍ତ ବୈଠକରେ ଜିଲ୍ଲା ର ବିଭିନ୍ନ ବିଭାଗ ଯଥା ପୌରପାଳିକା,ଜିଲ୍ଲା ଶିଶୁମଙ୍ଗଳ ,ଲୋକସମ୍ପର୍କ ଅଧିକାରୀ ଇତ୍ୟାଦିଙ୍କ ସହିତ ସହରାଂଚଳ ର ସର୍ବମୋଟ ଛବିଶ (୨୬) ଗୋଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯଥା, ନେସନାଲ ପିସ ଉନୀସନ, ରାଜେନ୍ଦ୍ର ଯୁବକ ସଂଗଠନ, ନାରୀଶକ୍ତି ସଂଗଠନ, କର୍ତବ୍ୟ ଫାଉଣ୍ଡେସନ,ଜିଲ୍ଲା ଚାଇଲଡ ସ୍କାଇଲ,ଜିଲ୍ଲା ଏକ୍ସନ କମିଟି,ମାହେଶ୍ୱରୀ ସଂଗଠନ, ରୋଟାରି ଇଲାଇଟ (ବଲାଙ୍ଗିର ଶାଖା) ମାରୱାଡି ଯୁବମଂଚ, ସହିଦ ଭକତ ସିଂ କ୍ଲବ,ପେଲେସ ଲାଇନ ସାଂସ୍କୃତିକ ପରିଷଦ ଇତ୍ୟାଦି ଙ୍କ କର୍ମକର୍ତା ଯୋଗଦାନ କରି ବୈଠକ ରେ ଯୋଗଦାନ କରି ଆସନ୍ତା ଅଭିଯାନ କୁ ସଫଳ କରାଇବା ର ପ୍ରସ୍ତାବ ଦେଇଥିଲେ । ବୈଠକ ଶେଷରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ର ଅତିରିକ୍ତ ଜିଲ୍ଲା ମେନେଜର ଶ୍ରୀ ରାମାନୁଜ ପଣ୍ଡା ସବିଶେଷ ବୈଠକ ର ସଫଳତା ପାଇଁ ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୈଜୟନ୍ତ ପଣ୍ଡାଙ୍କ ହସ୍ତକ୍ଷେପ ପରେ ଆବୁ ଧାବିରୁ ଫେରିଲା ଓଡିଆ ଯୁବକଙ୍କ ମରଶରୀର

ଭୁବନେଶ୍ୱର, ୬।୮(ପି.ଏନ): ବରିଷ୍ଠ ବିଜେପି ନେତା ତଥା ରାଷ୍ଟ୍ରୀୟ ଉପସଭାପତି ଶ୍ରୀଯୁକ୍ତ ବୈଜୟନ୍ତ ପଣ୍ଡାଙ୍କ ହସ୍ତକ୍ଷେପ ପରେ ଆବୁ ଧାବିରେ ଫସିଥିବା ମୃତ ଓଡିଆ ଯୁବକ କାଳନ୍ଦୀ ମଲ୍ଲିକଙ୍କ ମରଶରୀର ଆଜି ଓଡିଶାରେ ପହଂଚିଛି। ମରଶରୀର ଫେରାଇ ଆଣିବାପାଇଁ ଆବୁ ଧାବିରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ଅବଗତ କରିବା ସହ ଏକ ପତ୍ର ଲେଖି ଶ୍ରୀ ପଣ୍ଡା ନିବେଦନ କରିଥିଲେ। ସୂଚନାଯୋଗ୍ୟ, କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଶ୍ରୀରାମପୁର ପଂଚାୟତର ପାଲପାଟଣା ଗ୍ରାମର ସଚିନ୍ଦ୍ର ମଲ୍ଲିକଙ୍କ ପୁଅ କାଳନ୍ଦୀ ମଲ୍ଲିକ ଆବୁଧାବିରେ ୨୦୧୮ ମସିହାରୁ ପାଇପ୍ ମିସ୍ତ୍ରୀ ଭାବେ କାମ କରି ଆସୁଥିଲେ। ଚଳିତ ମାସ ୧୬ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିବା କମ୍ପାନୀ କର୍ତୃପକ୍ଷ ପରିବାର ଲୋକଙ୍କୁ ଜଣାଇଥିଲେ କିନ୍ତୁ ମୃତ୍ୟୁର କାରଣ ଜଣାଇନଥିଲେ। ଦୁବାଇରେ କାମ କରୁଥିବା କାଳନ୍ଦୀଙ୍କ ଭାଇ ବଳରାମ ମଲ୍ଲିକ ଶବ ବ୍ୟବଚ୍ଛେଦ ରିପୋର୍ଟରୁ କାଳନ୍ଦୀଙ୍କୁ ହତ୍ୟା କରାଯାଇଥିବା ଜାଣିବାକୁ ପାଇଥିଲେ। ବଳରାମ ତାଙ୍କ ଭାଇଙ୍କର ମରଶରୀର ଫେରାଇଦେବା ସହ ବକେୟା ବେତନ ଦେବାକୁ କମ୍ପାନୀ କର୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ ମଧ କମ୍ପାନୀ କର୍ତୃପକ୍ଷ ବକେୟା ବେତନ ଦେବାକୁ ମନାକରିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଶେଷରେ ନିରୂପାୟ ହୋଇ କାଳନ୍ଦୀଙ୍କ ପରିବାର ଲୋକ ମରଶରୀରକୁ ଅନ୍ତିମ ସଂସ୍କାର ପାଇଁ ତାଙ୍କ ଗ୍ରାମକୁ ଫେରାଇ ଆଣିବା ପାଇଁ ଶ୍ରୀ ପଣ୍ଡାଙ୍କ ହସ୍ତକ୍ଷେପ ଲୋଡିଥିଲେ। ଅନୁରୋଧକ୍ରମେ ରାଷ୍ଟ୍ରଦୂତଙ୍କ ସହ ଯୋଗାଯୋଗ କରାଯାଇ ଆବଶ୍ୟକୀୟ କାଗଜପତ୍ର ଯୋଗାଇ ଦିଆଯାଇଥିଲା। ଶେଷରେ ଆଜି ମରଶରୀର ଓଡିଶାରେ ପହଂଚିଛି। ଭୁବନେଶ୍ୱର ବିମାନ ବନ୍ଦରରେ ମରଶରୀର ପହଂଚିବା ପରେ ଶ୍ରୀଯୁକ୍ତ ପଣ୍ଡାଙ୍କ କାର୍ଯ୍ୟାଳୟ ତରଫରୁ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପରେ ମରଶରୀରକୁ ପରିବାର ଲୋକଙ୍କୁ ହସ୍ତାନର କରାଯାଇଥିଲା। ଶ୍ରୀ ପଣ୍ଡା ତ୍ୱରିତ ହସ୍ତକ୍ଷେପ କରି ମରଶରୀର ଫେରାଇ ଆଣିଥିବାରୁ ପରିବାର ଲୋକ କୃତଜ୍ଞତା ଜଣାଇଛନ୍ତି ଏବଂ ରାଷ୍ଟ୍ରଦୂତଙ୍କ ତ୍ୱରିତ ପଦକ୍ଷେପ ପାଇଁ ଶ୍ରୀ ପଣ୍ଡା ଧନ୍ୟବାଦ ଜଣାଇଛନ୍ତି।

## ବିନା ସୂଚନା ଫଳକରେ ଚାଲିଛି ଆନିକଟ ନିର୍ମାଣ କାର୍ଯ୍ୟ : ଭିଜିଲାନ୍ସ ତଦନ୍ତ ଦାବି

ପୁରୀ, ୬।୮(ପି.ଏନ):ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଜୟପୁର ଗ୍ରାମପଚାଂୟତ ଏବଂ ପେଣ୍ଠପଡା ଗ୍ରାମପଚାଂୟତ ସୀମାକୁ ଲାଗି ବହିଯାଉଥିବା କେନାଲରେ ଏକ ଆନିକଟ ନିର୍ମାଣ ଚାଲିଛି। ଜୟପୁର ଗ୍ରାମ ଶେଷ ମୁଣ୍ଡ ବାରିକ ସାହି ନିକଟରେ ଥିବା ବ୍ରିଜ୍ ପାଖରେ ଡ୍ରେନେଜ୍ ବିଭାଗ ପକ୍ଷରୁ ଏହି ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ, ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପାଖାପାଖି ଅଧା ସରିଥିବା ବେଳେ ଅଦ୍ୟାବଧି ପ୍ରକଳ୍ପ ସ୍ଥାନରେ କୌଣସି ସୂଚନା ଫଳକ ନାହିଁ । ଫଳରେ ଏହି ପ୍ରକଳ୍ପରେ କେତେ ଟଙ୍କା ଖର୍ଚ୍ଚ ହେଉଛି, ନିର୍ମାଣ କାର୍ଯ୍ୟର ଅବଧି କେତେ ପର୍ଯ୍ୟନ୍ତ ରହିଛି, କେଉଁ ବିଭାଗ ପକ୍ଷରୁ ଏହି କାମ ହେଉଛି ସେନେଇ ଗ୍ରାମବାସୀଙ୍କ ପାଖରେ ମଧ କୌଣସି ଖବର ନାହିଁ । ଅନ୍ୟପକ୍ଷରେ ସମ୍ପ୍ରତି ବର୍ଷା ସମୟରେ ଏହି ନିର୍ମାଣ କାର୍ଯ୍ୟ ଚାଲିଥିବାରୁ କାମର ମାନ ଓ ସ୍ଥାୟୀତ୍ୱକୁ ନେଇ ମଧ ପ୍ରଶ୍ନ ଉଠିଛି । ନିର୍ମାଣ କାର୍ଯ୍ୟରେ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହୋଇପଡୁଛି । ସ୍ଥାନୀୟ ସରପଂଚ ଓ ଲୋକ ପ୍ରତିନିଧି ଏ ଦିଗରେ ନିରବଦ୍ରଷ୍ଟା ସାଜିଥିବାରୁ ଏଥିରେ ବଡ ଧରଣର ଅର୍ଥ ହେରଫେର୍ ହେଉଥିବା ଗ୍ରାମର କିଛି ବରିଷ୍ଠ ନାଗରିକ, ଶିକ୍ଷିତ ଯୁବକ ଅଭିଯୋଗ କରିଛନ୍ତି । ଖବର ନେବାରେ ଜଣାପଡିଛି, ଡ୍ରେନେଜ୍ ବିଭାଗ ପକ୍ଷରୁ ପ୍ରାୟ ଦେଢ଼ କୋଟି ବ୍ୟୟରେ ଏହାର ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ଆନିକଟ ନିର୍ମାଣର ମୁଖ୍ୟ ଉଦ୍ଦେଶ୍ୟ ପାଣିକୁ ନିୟନ୍ତ୍ରିତ କରିବା, କାର୍ତିକ ମାସରେ ଧାନ ଗଛରେ ଥୋଡ ଧରିବା ସମୟରେ ଫସଲକୁ ପାଣି ଯୋଗାଣ ଓ ବ୍ୟବସ୍ଥିତ ଭାବରେ ଗହିରରୁ ଭାର୍ଗବୀ ନଦୀକୁ ଜଳ ନିଷ୍କାସନ ।

## କଠୋର ହେଲା ପ୍ରଶାସନ: ଆସନ୍ତା ବର୍ଷ କେବଳ ନୀତି ସମ୍ପୃକ୍ତ ସେବାୟତ ରଥ ଚଢ଼ିବେ



ପୁରୀ,୬।୮(ପି.ଏନ): ଆସନ୍ତା ବର୍ଷ ରଥରେ ସମସ୍ତ ସେବାୟତ ଚଢ଼ିବେନି। କେବଳ ନୀତି ସହ ଜଡିତ ସେବାୟତ ହିଁ ରଥ ଉପରକୁ ଚଢ଼ିବେ। ଫଳରେ ଠାକୁରଙ୍କୁ ଭଲ ଭାବେ ଦର୍ଶନ କରିପାରିବେ ଭକ୍ତ। ଆଜି ଗଜପତି ଦିବ୍ୟସିଂହଦେବଙ୍କ ଅଧକ୍ଷତାରେ ବସିଥିବା ଶ୍ରୀମନ୍ଦିର ପରିଚାଳଚ୍ନା କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକରେ ବିଶେଷ ଭାବେ ଚଳିତ ବର୍ଷ ଅନୁଷ୍ଠିତ ହୋଇଯାଇଥିବା ସ୍ନାନଯାତ୍ରା ଓ ରଥଯାତ୍ରା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହାଛଡା ଗରିବ ସେବାୟକଙ୍କ ନିମନ୍ତେ ଆବାସ ପ୍ରକଳ୍ପ ଓ ସେବାୟତ ପିଲାଙ୍କ ପାଠପା ପାଇଁ ଗୁରୁକୁଳ ପ୍ରତିଷ୍ଠା ନେଇ ଆଲୋଚ୍ନା ହୋଇଥିଲା। ଅଲୋଚ୍ନା ନିମନ୍ତେ ଏଜେଣ୍ଡାରେ ଅନେକ ବିଷୟ ରହିଥିଲେ ହେଁ ନିର୍ଦ୍ଧାରିତ ସମୟ ଭିତରେ ଯାହି ଯେତିକି ଆଲୋଚ୍ନା କରି ବୈଠକକୁ ସମାପ୍ତ କରାଯାଇଥିଲା। ତେଣୁ ଶ୍ରୀମନ୍ଦିର ଜମିଜମା ସୁରକ୍ଷା ଓ ବିକ୍ରିବଟା, ରତ୍ନଭଣ୍ଡାର ସୁରକ୍ଷା, ଶ୍ରୀମନ୍ଦିର କରିଡର ପ୍ରଭୃତି ବିଷୟରେ ବିଶେଷ କୌଣସି ଆଲୋଚ୍ନା ହୋଇପାରିନି। ତେବେ ଚଳିତ ବର୍ଷ ସ୍ନାନଯାତ୍ରା ଓ ରଥଯାତ୍ରାରେ ଠାକୁରମାନଙ୍କ ଆଗପଛରେ ନିର୍ଦ୍ଧାରିତ ସଂଖ୍ୟା ଠାରୁ ବହୁ ଅଧିକ ସେବାୟତମାନେ ଘେରି ରହିବାରୁ ଭକ୍ତଙ୍କୁ ଭଲ ଦର୍ଶନ ନ ମିଳିବା ଏବଂ ସ୍ଥିରିକୃତ ଆଚରଣ ସଂହିତାକୁ ଉଲ୍ଲଂଘନ କରାଯିବା ନେଇ କ୍ଷୁବ୍ଧ ଥିବା ପ୍ରଶାସନ କଠୋର ମନୋଭାବ ପୋଷଣ କରିଛି ।ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ ସୂଚ୍ନା ଦେଇ କହିଛନ୍ତି, ବୈଠକରେ ସ୍ନାନଯାତ୍ରା ଓ ରଥଯାତ୍ରା ସମୀକ୍ଷା ହୋଇଥିଲା। ଆସନ୍ତା ବର୍ଷ ଏହି ଉତ୍ସବ ପାଳନ ବେଳେ ସେବାୟତମାନେ ଠାକୁରଙ୍କ ପାଖରେ ଏମିତି ଠିଆ ହେବେ, ଯେପରି ଭକ୍ତ ଭଲଭାବେ ଠାକୁର ଦର୍ଶନ କରିବେ। ଠାକୁରଙ୍କ ନୀତି ପରିଚ୍ଳନା ପାଇଁ ଯେତିକି ସେବାୟତ ଆବଶ୍ୟକ ସେତିକି ରହିବେ। ୩୬ ନିଯୋଗ ସହିତ ଏନେଇ ବୈଠକ କରି ଅଲୋଚ୍ନା ହେବ। ଏହାଛଡା ବୈଠକରେ ଆଦର୍ଶ ଗୁରୁକୁଳ ପ୍ରତିଷ୍ଠା ନେଇ ଆଲୋଚ୍ନା ହୋଇଥିଲା। ଏହି ପ୍ରକଳ୍ପକୁ ଶୀଘ୍ର ଶେଷ କରିବାକୁ ଆଲୋଚ୍ନା ହୋଇଛି। ସେହିପରି ସେବକ ବାସଗୃହ ନିମନ୍ତେ ପ୍ଲାନ୍ ଆପ୍ରୁଭାଲ ହୋଇଛି। ୪ ମାସ ଭିତରେ କାମ ଆରମ୍ଭ ହେବ। ଗତ ବୈଠକରେ ଲ୍ୟାଣ୍ଡ ସବ୍ କମିଟି ନେଇଥିବା ନିଷ୍ପତ୍ତିକୁ ଆପ୍ରୁଭାଲ ଦିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ପରିଚ୍ଳିତ ଗେଷ୍ଟ ହାଉସ୍ ରୁମ୍‌ଗୁଡିକ ସୁବିଧାରେ ଅନ୍‌ଲାଇନ୍‌ରେ ବୁକିଂ ପାଇଁ ଏଚ୍.?ଡିଏଫ୍.?ସି ସହିତ ଏକ ଏମ୍‌ଓଏୟୁ କରାଯିବ। ଏହାକୁ ପରିଚ୍ଳନା କମିଟିରେ ମଞ୍ଜୁରୀ ମିଳିଛି। ଶ୍ରୀଗୁଣ୍ଡିଚ୍ଚା ମନ୍ଦିର ମଧ ସବୁଦିନିଆ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଶ୍ରୀଗୁଣ୍ଡିଚ୍ଚା ମନ୍ଦିର ରତ୍ନ ବେଦୀ ଓ ରୋଷଘର ବ୍ୟାରିକେଟ କରାଯିବ। ଭକ୍ତ ଏଠାରେ ବୁଲିପାରିବେ ନାହିଁ। ଅନ୍ୟ ସମସ୍ତ ସ୍ଥାନ ଦେଖିପାରିବେ ବୋଲି ସେ କହିଛନ୍ତି ।ପରିଚ୍ଳନା କମିଟି ସଦସ୍ୟ ଦୁର୍ଗା ଦାସ ମହାପାତ୍ର କହିଛନ୍ତି, ବୈଠକରେ ସେବାୟତଙ୍କ ସୁବିଧା ପାଇଁ ମାଟିତୋଟା ପରିବର୍ତ୍ତ ହରଚଣ୍ଡିସାହିର ୩.୧୮୩ ଏକର ଓ ମାଟିମଣ୍ଡପସାହିର ୨.୮୧୧ ଏକର ଜମିରେ ସେବକ ଆବାସ କରାଯିବାକୁ ନିଷ୍ପତ୍ତି ହୋଇଛି। ହରଚଣ୍ଡି ସାହିରେ ୨୨୪ ବାସଗୃହ ପ୍ରଥମେ କରାଯିବ। ପ୍ରତ୍ୟେକ ସେବାୟତଙ୍କ ନିମନ୍ତେ ଏଠାରେ ୨ଟା ରୁମ୍ ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯିବ। ସେହିପରି ଆସନ୍ତା ୫ ବର୍ଷ ପାଇଁ ଶ୍ରୀମନ୍ଦିରରେ କେଉଁ ସବୁ ଉନ୍ନତିକରଣ କାମ ଆବଶ୍ୟକ ସେନେଇ ଏଏସ୍‌ଆଇକୁ ଏକ ରିପୋର୍ଟ ଦେବାକୁ କୁହାଯାଇଛି। ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଆରକ୍ୟୁଲୋଜିଷ୍ଟ ଅରୁଣ ମଲ୍ଲିକ ରତ୍ନସିଂହାସନ ପଛରୁ ଖସି ପଡିଥିବା ପ୍ଲାଷ୍ଟର ସମ୍ପର୍କରେ କହିଛନ୍ତି, ଏହା ମନକୁ ଖସିନି କିମ୍ବା ଆଦ୍ରତା ଯୋଗୁ ଖସିନି। ଏହାକୁ ଖସାଇ ଦିଆଯାଇଛି। ପ୍ଲାଷ୍ଟର ଉପରେ କୌଣସି ଜିନିଷ ମାଡ ହେବାରୁ ଏହା ଖସି ପଡିଛି। ପୂଜକମାନେ ଏହା ଜାଣିଥିବେ। ଏହି ପ୍ଲାଷ୍ଟର ବହୁତ ବର୍ଷ ତଳେ କରାଯାଇଥିଲା। ଏଭଳି ଘଟଣା ପୁଣି ଘଟିବନି ବୋଲି କହି ହେବନି। ଏନେଇ ଶ୍ରୀମନ୍ଦିର ପ୍ରଶାସନ ଯନ୍ତ୍ରୀମାନଙ୍କ ସହ ଆଲୋଚ୍ନା ହୋଇସାରିଛି। ଆସନ୍ତାବର୍ଷ ରଥଯାତ୍ରା ସମୟରେ ପୁଣି ଆବଶ୍ୟକ ମରାମତି କାମ ହେବ।ସେହିପରି ସେ ରତ୍ନ ଭଣ୍ଡାର ସମ୍ପର୍କରେ କହିଛନ୍ତି, ଏହାର ମରାମତି ନେଇ ଶ୍ରୀମନ୍ଦିର ପ୍ରଶାସନ କହିଲେ କରାଯିବ। ୨୦୧୮ରେ ରତ୍ନ ଭଣ୍ଡାର ଯାଞ୍ଚ ସମ୍ପୂର୍ଣ୍ଣ ହୋଇ ନ ଥିଲା।




ଓୟୁଡବ୍ଲ୍ୟୁଜେ ସଭାପତି ସଞ୍ଜୟ ଦାସ ସାଧାରଣ ସମ୍ପାଦକ ସରୋଜ ପଟ୍ଟନାୟକ ମୁଖ୍ୟ ସଂଯୋଜକ ରଜନୀକାନ୍ତ ସାମନ୍ତରାୟ କେନ୍ଦ୍ରାପଡ଼ା ବିଧାୟକ ତଥା ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ଶଶିଭୂଷଣ ବେହେରାଙ୍କୁ ସୌଜନମୂଳକ ସାକ୍ଷାତ କରିବା ଅବସରରେ








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ । କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି । ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଉଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ । ବୟସ ସହିତ ତାଳଦେଇ ବଢ଼ି ଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍ । 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି । ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର । ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ । କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍ । ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି । ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍ । ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା ।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।



ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା । ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ । ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି । ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି । ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ । ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି । ଏହି ବିଲେଇ ଘରର ନିର୍ମାଣ ଲିନିୟା ଲଟାଞ୍ଜିୟୋ କରିଥିଲେ । ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ । ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି । ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି । ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି । ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ । ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି । ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି ।

## ଫଟୋସପ୍‌ର କମାଲ୍

ଥିଓଡର । ତା'ବୟସ ମାତ୍ର ୧୦ ମାସ । ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ । କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ । ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ । ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍ । ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ । ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ । ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି ।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ । ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି । ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି । ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ । ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ । ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ । ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ । ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ । ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ । ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ । ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ । ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ । ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି । ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ । ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ । ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।




# ମା'ଯୋଗୁଲାମ୍ବାଙ୍କ ଶକ୍ତିପୀଠ, ତେଲେଙ୍ଗାନା



ତେଲେଙ୍ଗାନାର ଆଲମପୁର ସହର ମନ୍ଦିର ମାନଙ୍କ ପାଇଁ ସୁପ୍ରସିଦ୍ଧ। ଏଠାରେ ଅବସ୍ଥିତ ଅଧିକାଂଶ ମନ୍ଦିର ଅତି ପୁରାତନ ଓ ନିଜର ସ୍ଥାପତ୍ୟ ପାଇଁ ବିଖ୍ୟାତ। ଏଥିମଧ୍ୟରେ ଅଧିକାଂଶ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ବିଭାଗ ଅଧୀନରେ ରହିଛି। ଆଲମପୁର ସହରରେ ଯେତେ ସବୁ ମନ୍ଦିର ରହିଛି, ସେମାନଙ୍କ ମଧ୍ୟରେ 'ଜୋଗୁଲାମ୍ବା ଶକ୍ତିପୀଠ'(ଜୋଗୁଲାମ୍ବା ଦେବୀ ମନ୍ଦିର) ଓ 'ନବବ୍ରହ୍ମା ମନ୍ଦିର ପ୍ରମୁଖ ସ୍ଥାନରେ ରହିଛନ୍ତି।

ଜୋଗୁଲାମ୍ବା ଦେବୀ ମନ୍ଦିର ମଧ୍ୟ ଭାରତରେ ଜୋଗୁଲାମ୍ବା ଶକ୍ତିପୀଠ ଭାବେ ପ୍ରସିଦ୍ଧ। ମା' ସତୀଙ୍କ ୧୮ଟି ମହା ଶକ୍ତିପୀଠ ମଧ୍ୟରେ ଏହା ପଂଚମ ଶକ୍ତିପୀଠ ଭାବେ ପରିଚିତ। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଆଲମପୁରର ଯେଉଁଠି ମା'ସତୀଙ୍କ ଉପର ଦାନ୍ତ ସମୂହ ପଡ଼ିଥିଲା, ସେଠାରେ ଜୋଗୁଲାମ୍ବା ଦେବୀ ମନ୍ଦିର ସ୍ଥାପିତ ହୋଇଛି। ଏହି ମନ୍ଦିରର ପ୍ରମୁଖ ଆରାଧ୍ୟ ହେଲେ, 'ଜୋଗୁଲାମ୍ବା' ଓ 'ବାଲ୍ ବ୍ରହ୍ମେଶ୍ୱର ସ୍ୱାମୀ'। ଏଠାରେ ମାତା ସତୀଙ୍କୁ 'ଜୋଗୁଲାମ୍ବା ଦେବୀ' ବା 'ଯୋଗାମ୍ବା ଦେବୀ' ନାମରେ ଓ ଭଗବାନ୍ ଶିବଙ୍କୁ 'ବାଲ୍ ବ୍ରହ୍ମେଶ୍ୱରା ସ୍ୱାମୀ' ନାମରେ ପୂଜା କରାଯାଏ।




'ଜୋଗୁଲାମ୍ବା ଦେବୀ'ଙ୍କୁ 'ଗୃହ ଚଣ୍ଡୀ'(ଘରର ରକ୍ଷାକର୍ତ୍ତା) ଭାବରେ ପୂଜା କରାଯାଏ। ମନ୍ଦିରର ଗର୍ଭ ଗୃହରେ ଦେବୀଙ୍କର ବସିଥିବା ମୂର୍ତ୍ତି ରହିଛି, ଯେଉଁଥିରେ ଦେବୀଙ୍କୁ ତାଙ୍କ ବାଳରେ ଏକ ଝିଟିପିଟି, ବିଛା, ବାଦୁଡ଼ି ଓ ମଣିଷର ଖପୁରି ଥିବା ଦର୍ଶା ଯାଇଛି। ଆମ ଶାସ୍ତ୍ରରେ ଏସବୁ ଅମଙ୍ଗଳର ପ୍ରତୀକ ତଥା ଏହା ମଧ୍ୟ ଗୃହ ପତନର ସଙ୍କେତ ଅଟେ। କୌଣସି ଘରେ ଝିଟିପିଟି ଦେଖାଯିବା ଅର୍ଥ ସେହି ଘରର ସୁଖ ଶାନ୍ତି ନଷ୍ଟ ହେବାର ସୂଚନା ବୋଲି ଧରାଯାଏ। ଧୀରେ ଧୀରେ ଘରେ ଝିଟିପିଟି ସଂଖ୍ୟା ବୃଦ୍ଧି ପାଇବ ଓ ପରିଣାମ ସ୍ୱରୂପ ବିଛା ମାନଙ୍କର ଆଗମନ ହେବ, ଯାହା ଭୟଙ୍କର ଅନର୍ଥର ସୂଚନା। ପୁଣି ଏହା ପରେ ପରେ ଘରେ ବାଦୁଡ଼ି ପ୍ରବେଶ କରିବେ, ଯାହା ସେହି ଘରେ ରହୁଥିବା ଲୋକମାନଙ୍କ ପାଇଁ ମୃତ୍ୟୁର ଫାସ ତିଆରି ହୋଇଯାଏ। ତେବେ 'ଜୋଗୁଲାମ୍ବା ଦେବୀ'ତାଙ୍କୁ ଓ ତାଙ୍କ ଘରର ସମସ୍ତ ଅମଙ୍ଗଳରୁ ରକ୍ଷା କରନ୍ତି ବୋଲି ପ୍ରତ୍ୟେକଙ୍କର ବିଶ୍ୱାସ ରହିଛି। ବାସ୍ତୁ ଦୋଷ(ନିର୍ମାଣ କାର୍ଯ୍ୟରେ ଭୁଲ)ରୁ ମୁକ୍ତ ହେବା ପାଇଁ ମୁଖ୍ୟତଃ'ଜୋଗୁଲାମ୍ବା ଦେବୀ'ଙ୍କୁ ପୂଜା କରାଯାଏ।




ଶାସ୍ତ୍ରରୁ ଜଣାଯାଏ, ଚଣ୍ଡି ମୁଣ୍ଡିଙ୍କର ମୂଳ ପ୍ରତିମାକୁ ବାଲ୍ ବ୍ରହ୍ମେଶ୍ୱରା ସ୍ୱାମୀ ମନ୍ଦିରରେ ଛାଡ଼ି ଦିଆ ଯାଇଥିଲା ଓ ନୂଆ ମୂର୍ତ୍ତି ତିଆରି କରାଯାଇ ତାଙ୍କୁ ଜୋଗୁଲାମ୍ବା ମନ୍ଦିରରେ ସ୍ଥାପିତ କରା ଯାଇଥିଲା। ମନ୍ଦିରରେ ସପ୍ତ ମାତୃକା, ବିଘ୍ନେଶ୍ୱର ଓ ବୀଣାପାଣୀ ବିରଭଦ୍ରଙ୍କ ପ୍ରତିମା ମଧ୍ୟ ରହିଛି। ଦେଶର ବିଭିନ୍ନ ଅଂଚଳରୁ ବହୁ ସଂଖ୍ୟାରେ ତିର୍ଥଯାତ୍ରୀ ମାନେ ଏଠାରେ ପହଂଚି ଦେବୀଙ୍କୁ ଦର୍ଶନ କରନ୍ତି। ଇତିହାସରୁ ଜଣାଯାଏ, ଆଲମପୁରର ଏକ ସମୃଦ୍ଧ ଐତିହାସକ ଓ ଧାର୍ମିକ ମହତ୍ୱ ରହିଛି। ଶତବାହନ, ଇଖ୍ୱାକୁ, ଚାଲୁକ୍ୟ ଏବଂ କାକତିଆ ବଂଶର ରାଜା ମାନେ, ବହମନୀ ସୁଲତାନ ଓ ବିଜୟନଗରର ସମ୍ରାଟ ମାନେ ଏଠାରେ ଶାସନ କରିଥିଲେ। 'ଜୋଗୁଲାମ୍ବା ଦେବୀ'ଙ୍କ ପୁରୁଣା ମନ୍ଦିର ବହମନୀ ସୁଲତାନଙ୍କ ଦ୍ୱାରା ୧୪ଶ ଶତାବ୍ଦୀରେ ନଷ୍ଟ କରି ଦିଆ ଯାଇଥିଲା। ସେଥିରୁ ରକ୍ଷା ପାଇବା ପାଇଁ ହିଁ ମା'ଜୋଗୁଲାମ୍ବା ଓ ତାଙ୍କର ଦୁଇ ଶକ୍ତି, ଚଣ୍ଡୀ ଓ ମୁଣ୍ଡୀଙ୍କ ପ୍ରତିମାକୁ ବାଲ୍ ବ୍ରହ୍ମେଶ୍ୱରା ସ୍ୱାମୀ ମନ୍ଦିରରେ ରଖା ଯାଇଥିଲା। ପରେ ପୁରୁଣା ମନ୍ଦିର ସ୍ଥାନରେ ଏକ ନୂଆ ମନ୍ଦିର ନିର୍ମାଣ କରାଗଲା ଓ ଦେବୀଙ୍କ ମୂର୍ତ୍ତି ମାନଙ୍କୁ ସେଠାରେ ସ୍ଥାପିତ କରାଗଲା। ନବବ୍ରହ୍ମା ମନ୍ଦିର ଓ ସଂଗମେଶ୍ୱରା ମନ୍ଦିରର ନିର୍ମାଣ ୭ଶ ଶତାବ୍ଦୀରେ କରାଯାଇଥିଲା।

**ପୌରାଣିକ ସନ୍ଦର୍ଭ:** ଏହି ସ୍ଥାନ ସଂପର୍କରେ ସ୍ଥଳ ପୁରାଣରେ ଲିଖିତ ଅଛି ଯେ, ଥରେ ଭଗବାନ୍ ବ୍ରହ୍ମା ଏକ ବିଖ୍ୟାତ ସନ୍ଥଙ୍କର ଅଭିଶାପର ଫଳ ସ୍ୱରୂପ ନିଜର ସବୁ ଶକ୍ତି ହରାଇ ବସିଲେ। ବ୍ରହ୍ମା ନିଜର ଶକ୍ତି ଫେରି ପାଇବା ପାଇଁ ଭଗବାନ୍ ଶିବଙ୍କୁ ପ୍ରସନ୍ନ କରିବାକୁ କଠୋର ତପସ୍ୟା କଲେ। କୁହାଯାଏ ଯେ, ଭଗବାନ୍ ଶିବ ନଅ ପ୍ରକାରର ବିଭିନ୍ନ ରୂପରେ ନିଜକୁ ପ୍ରକଟ କଲେ। ଆଲମପୁରରେ ତୁଙ୍ଗଭଦ୍ରା ନଦୀ କୂଳରେ ସ୍ଥାପିତ ନବ ବ୍ରହ୍ମା ମନ୍ଦିରରେ ଶିବଙ୍କର ସେହି ନଅଟି ଭିନ୍ନ ଭିନ୍ନ ରୂପର ମନ୍ଦିର ମାନ ରହିଛି। ସେଗୁଡ଼ିକ ହେଲେ, ବାଲ୍ ବ୍ରହ୍ମା, ଗରୁଡ଼ ବ୍ରହ୍ମା, ସ୍ୱର୍ଗ ବ୍ରହ୍ମା, ପଦ୍ମ ବ୍ରହ୍ମା, କୁମାର ବ୍ରହ୍ମା, ତାରକ ବ୍ରହ୍ମା, ଅର୍କ ବ୍ରହ୍ମା ଓ ବୀର ବ୍ରହ୍ମା ଓ ବିଶ୍ୱ ବ୍ରହ୍ମା। ବାଲ୍ ବ୍ରହ୍ମାଙ୍କ ମୁଖ୍ୟ ମନ୍ଦିରରେ ସ୍ଥାପିତ ଶିବ ଲିଙ୍ଗ ଦେଖିବାରେ ଏକ ବଳଦର ପାଦଚିହ୍ନ ଭଳି ଲାଗେ। ନଅଟି ନବବ୍ରହ୍ମା ମନ୍ଦିରରେ କେବଳ ଆଠଟିକୁ ହିଁ ଦେଖା ଯାଇପାରେ, କାରଣ ତାରକ ବ୍ରହ୍ମା ମନ୍ଦିରର ସ୍ଥାନ ଅନିଶ୍ଚିତ ଅଟେ।






ଏଠାରେ ଅନେକ ପ୍ରକାର ଉତ୍ସବ ଓ ପର୍ବ ପାଳନ କରାଯାଏ। ହେଲେ ଦଶହରା ଓ ମହାଶିବରାତ୍ରୀ ଉତ୍ସବ ଏଠାରେ ପ୍ରମୁଖ ପର୍ବ ଭାବେ ପାଳିତ ହୁଏ। ଏହି ମନ୍ଦିର ପ୍ରତିଦିନ ସକାଳ ୭ଟା ରୁ ଦ୍ୱିପ୍ରହର ୧ଟା ଓ ଅପରାହ୍ନ ୨ଟାରୁ ରାତ୍ରି ୮ଟା ୩୦ ପର୍ଯ୍ୟନ୍ତ ଖୋଲା ରହେ। ଏହାଛଡ଼ା ପ୍ରତି ଶୁକ୍ରବାର ଦିନ ସକାଳ ୭ଟା ରୁ ଦ୍ୱିପ୍ରହର ୧ଟା ଓ ଅପରାହ୍ନ ୨ଟାରୁ ଅପରାହ୍ନ ୪ଟା ୪୫ ପର୍ଯ୍ୟନ୍ତ ବିଶେଷ ପୂଜାର ବ୍ୟବସ୍ଥା ରହିଛି। ଏହି ସମୟରେ ଭକ୍ତମାନେ ମା'ଙ୍କୁ ଦର୍ଶନ କରିବାର ସୁଯୋଗ ପାଆନ୍ତି।

ଜୋଗୁଲାମ୍ବା ଦେବୀ ମନ୍ଦିର ବା ଜୋଗୁଲାମ୍ବା ଶକ୍ତିପୀଠରେ ପହଂଚିବା ପାଇଁ ହାଇଦ୍ରାବାଦରୁ କୁର୍ନଲ ଯାଉଥିବା ଆଲାମପୁର ଦେଇ ରାହେ (କୁର୍ନଲ ପହଂଚିବା ୧୨ କି.ମି ପୂର୍ବରୁ) ଠାରେ ବାମକୁ ଆଲମପୁର ମାତ୍ର ୧୨ କି.ମି. ଦୂର। ଆଲମପୁର ଏକ ଛୋଟ ସହର। ଜୋଗୁଲାମ୍ବା ଦେବୀ ମନ୍ଦିର ଏହି ସହରର ଦକ୍ଷିଣ-ପୂର୍ବ କୋଣରେ ତୁଙ୍ଗଭଦ୍ରା ନଦୀ ନିକଟରେ ଅବସ୍ଥିତ।

**ଶରତ କୁମାର ରାଉତ,**
ଭୁବନେଶ୍ୱର, ମୋ: ୯୩୩୭୩୬୯୪୮

# ଓଡ଼ିଶାରେ ବିଧାୟକମାନଙ୍କ ଦରମା ବୃଦ୍ଧି ପ୍ରସ୍ତାବକୁ ସିପିଆଇ(ଏମ୍)ର ବିରୋଧ

ଭୁବନେଶ୍ୱର (ପିଏନ୍): ଓଡ଼ିଶାରେ ସ୍ୱଳ୍ପ ମଜୁରୀ, ଦରଦାମ ବୃଦ୍ଧି, ବେକାରୀ ଏବଂ ଚାଷୀମାନେଙ୍କ ଅଭାବୀ ଧାନ ବିକ୍ରୀ ଆଦି ସମସ୍ୟା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ସମୟରେ ଆର୍ଥିକ ସଙ୍କଟରୁ ରକ୍ଷାପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ପରିବର୍ତ୍ତେ ବିଧାନସଭାରେ ବିଧାୟକମାନଙ୍କ ଦରମା, ଭତ୍ତା ବୃଦ୍ଧି ପାଇଁ ପ୍ରସ୍ତାବ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସିପିଆଇ(ଏମ୍) ପକ୍ଷରୁ ଏକ ବିବୃତିରେ ରାଜ୍ୟ ସମ୍ପାଦକ ଅଲିକିଶୋର ପଟ୍ଟନାୟକ କହିଛନ୍ତି ଯେ ବର୍ତ୍ତମାନ ବିଧାୟକମାନେ ଦରମା ଆକାରରେ ମାସିକ ୩୫ ହଜାର ଭତ୍ତା ବାବଦକୁ ମାସିକ ୬୫ ହଜାର ଏପରି ମୋଟ ୧ ଲକ୍ଷ ଟଙ୍କା ପାଉଛନ୍ତି । ଏହା ବାଦେ ବିଧାନସଭା ଅଧିବେଶନରେ ଯୋଗଦେବା ବେଳେ ଦୈନିକ ୧୫୦୦ ଟଙ୍କା ଭତ୍ତା ପାଉଛନ୍ତି । ପେନସନ ପରିମାଣ ହେଉଛି ଆଜୀବନ ସର୍ବନିମ୍ନ ୩୦,୦୦୦ ଟଙ୍କା । ଏତିକିବେଳେ ରାଜ୍ୟ ସରକାର ରାଜ୍ୟରେ ସର୍ବନିମ୍ନ ଦୈନିକ ମଜୁରୀ ଅଣକୁଶଳୀ ଶ୍ରମିକମାନଙ୍କ ନିମନ୍ତେ ଭାରିଏକଲ ମହଙ୍ଗାଭତ୍ତା ସହିତ ମାତ୍ର ୩୨୬ ଟଙ୍କାକୁ ବୃଦ୍ଧି କରିଛନ୍ତି । ସେହିପରି ମାସିକ ବିଧବା, ବାର୍ଦ୍ଧକ୍ୟ ଭତ୍ତା ଆଦି ମାତ୍ର ୩୦୦ ଟଙ୍କା ଏବଂ ୮୦ ବର୍ଷରୁ ଉର୍ଦ୍ଧ୍ୱ ହେଲେ ୫୦୦ ଟଙ୍କା, ମାତ୍ର ୫ ବର୍ଷ ବିଧାୟକ ପଦରେ ରହି ଜୀବନତମାମ କେଉଁ ଆଧାରରେ ମାସିକ ୩୦ ହଜାର ଟଙ୍କା ପେନସନ ?

ବିଧାୟକ, ସାଂସଦରୁ ପଞ୍ଚାୟତ ପୌରସଭା ପର୍ଯ୍ୟନ୍ତ ନିର୍ବାଚିତ ପ୍ରତିନିଧି ହେବା ପେଷା କିମ୍ବା ଚାକିରୀ ନୁହେଁ । ସ୍ୱେଚ୍ଛାକୃତ ଭାବେ ଜନସେବା ଏବଂ ଜନସ୍ୱାର୍ଥର ପ୍ରହରୀ ଭାବେ ଉତ୍ସର୍ଗୀକୃତ ହେବା ଉଦ୍ଦେଶ୍ୟରେ ରାଜନୈତିକ ବା ସାମାଜିକ କର୍ମୀ ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥାଆନ୍ତି ଏବଂ ତ୍ୟାଗର ପ୍ରତୀକ ଭାବେ ନିଜକୁ ଉପସ୍ଥାପିତ କରିଥାଆନ୍ତି । କିନ୍ତୁ ନିର୍ବାଚିତ ହେବାପରେ ଦରମା, ଭତ୍ତା ଓ ପେନସନ ବୃଦ୍ଧି ପାଇଁ ପ୍ରସ୍ତାବ ରାଜବାସୀ ଓ ରାଜ୍ୟ ରାଜକୋଷ ଉପରେ ବୋଝ ସଦୃଶ । ଓଡିଶା ରାଜ୍ୟ ସରକାର କେବଳ ବିଧାୟକ ନୁହଁନ୍ତି, ରାଜ୍ୟର ଉଚ୍ଚପଦସ୍ଥ ଅଫିସରମାନଙ୍କ ଦରମା ଭତ୍ତା ବୃଦ୍ଧି କରି ଏକ ଉଚ୍ଚ ଆୟକାରୀ ଗୋଷ୍ଠୀ ସୃଷ୍ଟି କରୁଛନ୍ତି । ତଳିଆ ଓ ମଧ୍ୟମ ବର୍ଗର ସବୁ କର୍ମଚାରୀମାନଙ୍କୁ ୬ ବର୍ଷ ପର୍ଯ୍ୟନ୍ତ ସ୍ୱଳ୍ପ ବେତନରେ ଠିକା ନିଯୁକ୍ତି ଏବଂ ୨ ଲକ୍ଷ ୨୬ ହଜାର ସରକାରୀ ପଦବୀ ବିଭିନ୍ନ ବିଭାଗରେ ଖାଲିଥିବା ବେଳେ ତାହା ପୂରଣ ନକରି ସରକାରୀ ଓ ସରକାର ପରିଚାଳିତ ଉଦ୍ୟୋଗଗୁଡ଼ିକରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଆଉଟ୍‌ସୋର୍ସ କର୍ମଚାରୀ/ଶ୍ରମିକଙ୍କୁ ସ୍ୱଳ୍ପ ମଜୁରୀ ଓ ବେତନରେ ନିଯୁକ୍ତ କରିଛନ୍ତି । ରାଜ୍ୟରେ ଅର୍ଥାଭାବ ଦର୍ଶାଇ ନିଯୁକ୍ତି ହେଉନାହିଁ । ତେବେ କେଉଁ ନ୍ୟାୟରେ ବିଧାୟକମାନଙ୍କ ଦରମା ଭତ୍ତା ବୃଦ୍ଧି କରାଯିବ ?

ଏତଦ୍‌ବ୍ୟତୀତ ସର୍ବନିମ୍ନ ମଜୁରୀଠାରୁ କର୍ମଚାରୀ ଓ ଅଫିସରମାନଙ୍କ ଦରମା, ଭତ୍ତା ବୃଦ୍ଧି କମିଶନଙ୍କ ଦ୍ୱାରା ବିଚାର ହୋଇ ସ୍ଥିର ହୋଇଥାଏ । କିନ୍ତୁ ବିଧାୟକ ଓ ସାଂସଦମାନଙ୍କ ଦରମା ଭତ୍ତା ପେନ୍‌ସନ୍ ବୃଦ୍ଧି ପାଇଁ ନିଜେ ନିଷ୍ପତ୍ତି କରିଥାଆନ୍ତି । ରାଜନୈତିକ ସ୍ତରରେ ପରସ୍ପର ବିରୋଧିତା ଥିବାବେଳେ ଶାସକ ଓ ବିରୋଧିଦଳର ପ୍ରତିନିଧିମାନେ ମିଳିତ ଭାବେ ଏକସ୍ୱରରେ ନିଜ ଆର୍ଥିକ ଲାଭ ପାଇଁ ଏକତ୍ର ପ୍ରସ୍ତାବ କରିବା କାହା ସ୍ୱାର୍ଥରେ ? ରାଜ୍ୟରେ ସାମାଜିକ କଲ୍ୟାଣ ପେନ୍‌ସନ ବୃଦ୍ଧି ରାଶି ବୃଦ୍ଧି, ଆଉଟସୋର୍ସ ଓ ଠିକା ନିଯୁକ୍ତି ପ୍ରଥାର ବିଲୋପ, ରାଜ୍ୟରେ ସର୍ବନିମ୍ନ ମଜୁରୀ ଦୈନିକ ସର୍ବନିମ୍ନ ୬୦୦ ଟଙ୍କା ବୃଦ୍ଧି ଆଦି ଦାବୀ କରି ପ୍ରତିଦିନ ହଜାର ହଜାର ଉପେକ୍ଷିତ ଶ୍ରମିକ, କର୍ମଚାରୀ, ବେକାର ଯୁବକଯୁବତୀ ରାଜରାସ୍ତାକୁ ଓହ୍ଲାଉଥିବା ବେଳେ ସବୁ ଦଳର ବିଧାୟକ ଏକତ୍ରିତ ହୋଇ ସେମାନଙ୍କ ଦାବୀ ପୂରଣ ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବେ କି ? ରାଜ୍ୟବାସୀଙ୍କ ଦୁରବସ୍ଥା ବେଳେ ବିଧାୟକମାନଙ୍କର ଦରମା, ଭତ୍ତା , ପେନ୍‌ସନ ରାଶି ବୃଦ୍ଧି ଆଦୌ ଗ୍ରହଣୀୟ ନୁହେଁ ରାଜ୍ୟବାସୀ ସର୍ବତ୍ର ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସିପିଆଇ(ଏମ୍) ପକ୍ଷରୁ ଆହ୍ୱାନ କରୁଛୁ ।

# ଭୋଟର ପରିଚୟପତ୍ର ଓ ଆଧାର ସଂଯୋଗୀକରଣ କାର୍ଯ୍ୟକ୍ରମ




ବାଲେଶ୍ୱର (ପିଏନ୍)- ଭୋଟର ପରିଚୟପତ୍ର ସହ ଆଧାର ନମ୍ବର ସଂଯୋଗୀକରଣ ଏବଂ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ଲାଗୁ ହୋଇଥିବା ନୂତନ ବ୍ୟବସ୍ଥା ସମ୍ପର୍କିତ ଏକ ବୈଠକ ଗତକାଲି ପୂର୍ବାହ୍ନରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରାଳୟ ଦ୍ୱାରା ଜନପ୍ରତିନିଧି ଅଧିନିୟମ-୧୯୫୦/୫୧ରେ କେତେକ ସଂଶୋଧନ ସମ୍ବନ୍ଧରେ ସୂଚନା ଦିଆଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ସହକାରୀ ନିର୍ବାଚନ ଅଧିକାରୀ ଶ୍ରୀମତୀ ସ୍ୱାଗତିକା ଦାସ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଉଦ୍ଦିଷ୍ଟ ପଞ୍ଜୀକରଣ ଫର୍ମରେ କରାଯାଇଥିବା ସଂଶୋଧନ ସମ୍ପର୍କରେ ଏହି ବୈଠକରେ ଅବଗତ କରାଯାଇଥିଲା । ଏହି ଅବସରରେ ନୂତନ ରୂପାନ୍ତରିତ ପଞ୍ଜୀକରଣ ଫର୍ମର ଉନ୍ମୋଚନ କରାଯିବା ସହିତ ୨୦୨୨ ମସିହା ଅଗଷ୍ଟ ୧ତାରିଖରୁ ଏହା କାର୍ଯ୍ୟକାରୀ ହୋଇଥିବା ନେଇ ସୂଚନା ଦିଆଯାଇଥିଲା । ପରିବର୍ତ୍ତିତ ବ୍ୟବସ୍ଥାରେ ଫର୍ମ ନଂ-୬ରେ କେବଳ ନୂତନ ଭୋଟରଙ୍କ ପଞ୍ଜୀକରଣ କରାଯିବାକୁ ଥିବାବେଳେ ଭୋଟର ତାଲିକାରୁ ନାମ ବାଦ ଦେବା କିମ୍ବା ନାମ ଅନ୍ତର୍ଭୁକ୍ତ ଥିଲେ ଆପତି-ଅଭିଯୋଗ କରିବା ପାଇଁ ଫର୍ମ ନଂ-୭ରେ ଆବେଦନ କରିହେବ । ବର୍ତମାନ ଫର୍ମ-୭ ସହ ମୃତ୍ୟୁ ପ୍ରମାଣପତ୍ର ସଂଲଗ୍ନ କରାଯିବ । ସେହିପରି ନିର୍ବାଚନ ମଣ୍ଡଳୀ ମଧ୍ୟରେ କିମ୍ବା ବାହାରକୁ ବାସସ୍ଥାନ ସ୍ଥାନାନ୍ତରଣ ନିମନ୍ତେ, ଭୋଟର ତାଲିକାରେ ଥିବା ବିବରଣୀର ସଂଶୋଧନ ନିମନ୍ତେ ଏବଂ ଭୋଟର ପରିଚୟ ପତ୍ର ବଦଳ କରିବା ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ ନିମନ୍ତେ ଫର୍ମ ନଂ-୮କୁ ବ୍ୟବହାର କରିହେବ । ଜନପ୍ରତିନିଧି ଅଧିନିୟମ-୧୯୫୦ର ଧାରା ୨୩ରେ ସଂଶୋଧନ କରାଯାଇ ପ୍ରଚଳିତ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ଭୋଟର ଏବଂ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବାକୁ ଥିବା ଭୋଟରମାନେ ସେମାନଙ୍କ ଆଧାର ବିବରଣୀ ସ୍ୱେଚ୍ଛାକୃତ ଭାବେ ପ୍ରଦାନ କରିବେ । ଏଥିନିମନ୍ତେ ନିର୍ବାଚନ ପଞ୍ଜୀକରଣ ଆଇନ-୧୯୬୦ରେ ସଂଶୋଧନ କରାଯାଇଛି । ତା୧/୪/୨୦୨୩ରିଖ ସୁଦ୍ଧା ଭୋଟର ତାଲିକାଭୁକ୍ତ ହୋଇଥିବା ଭୋଟରମାନେ ସେମାନଙ୍କର ଆଧାର ନମ୍ବର ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ଜଣାଇବେ । ଆଧାର ବିବରଣୀ ଦାଖଲ କରିବା ନିମନ୍ତେ ଏକ ନୂତନ ଫର୍ମ ୬(ଖ) ପ୍ରଚଳନ କରାଯାଇଛି । ଏହି ଫର୍ମ ନିର୍ବାଚନ ଆୟୋଗଙ୍କ ୱେବ୍‌ସାଇଟ୍, ERONET, GARUDA, NVSP, VHA ପ୍ରଭୃତିରେ ମଧ୍ୟ ଉପଲବଧ ହେବ । ବୁଥସ୍ତରୀୟ ଅଧିକାରୀମାନେ ସ୍ଥାନୀୟ ଅଂଚଳ ଗସ୍ତ କରି ଭୋଟର ପରିଚୟପତ୍ର ସହ ଆଧାର ସଂଯୋଗୀକରଣ ଲାଗି ତଥ୍ୟ ସଂଗ୍ରହ କରିବା ସହିତ ପ୍ରତି ଶନିବାର ଦିନ ବୁଥରେ ଉପସ୍ଥିତ ରହି ଭୋଟରଙ୍କୁ ସହାୟତା କରିବାକୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ପରାମର୍ଶ ଦେଇଥିଲେ । ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ବର୍ତମାନ ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଗୋଟିଏ ଯୋଗ୍ୟତାସୂଚକ ତାରିଖ ପରିବର୍ତେ ୪ ଗୋଟି ଯୋଗ୍ୟତାସୂଚକ ତାରିଖ ଯଥା ଜାନୁଆରୀ ୧ତାରିଖ, ଅପ୍ରେଲ ୧ତାରିଖ, ଜୁଲାଇ ୧ତାରିଖ ଏବଂ ଅକ୍ଟୋବର ୧ତାରିଖ ରଖାଯାଇଛି । ଉପରୋକ୍ତ ତାରିଖମାନଙ୍କ ମଧ୍ୟରୁ ଯେକୌଣସି ତାରିଖରେ ୧୮ ବର୍ଷ ବୟସ ହେଉଥିଲେ ଯୁବକ-ଯୁବତୀ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିପାରିବେ । ଜିଲ୍ଲାପାଳ ଏ ସବୁ ସମ୍ପର୍କରେ ଅବଗତ କରାଇବା ସହ ଆଧାର ସଂଯୋଗୀକରଣ ଦ୍ୱାରା ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଏହା ବେଶ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ ଏହି କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଉପସ୍ଥିତ ବୁଥସ୍ତରୀୟ ଅଧିକାରୀମାନଙ୍କୁ ନୂତନ ଫର୍ମଗୁଡ଼ିକୁ ପ୍ରଦାନ କରାଯାଇଥିଲା । ସହକାରୀ ନିର୍ବାଚନ ଅଧିକାରୀ ସ୍ୱାଗତିକା ଦାସ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ସୂଚନା ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୪ତମ ପ୍ରତିଷ୍ଠା ଦିବସ ପାଳିତ

ବାରିପଦା (ପିଏନ୍)- ବାଲେଶ୍ୱରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଓଡ଼ିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣିଷ ବିବର୍ତ୍ତନବାଦର ଚରମ ପ୍ରତିଶ୍ରୁତି ବୋଲି କହିବା ସହ ସାଧନା ଓ ସ୍ୱାଭିମାନ ବଳରେ ଅତୁଳନୀୟ ଶକ୍ତି ଓ ସାମର୍ଥ୍ୟର ଅଧିକାରୀ ହୋଇପାରିବ ବୋଲି ନିଜର ମତ ଦେଇଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାରୀ ତ୍ରିପାଠୀ ଫକୀରମୋହନ ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ଧାନ, ପାନ, ମୀନ ସହିତ ଅନ୍ୟାନ୍ୟ ବିଷୟରେ ପ୍ରୋଜେକ୍ଟ ଆଣି ମୂଲ୍ୟବୋଧଭିତ୍ତିକ ଗବେଷଣାକୁ ପ୍ରାଥମିକତା ଦିଆଯାଇଛି ବୋଲି କହିଥିଲେ। ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ପ୍ରତିଷ୍ଠା ଦିବସ ପାଳନ କରିବାର ତାତ୍ପର୍ଯ୍ୟ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥାପନା କରିଥିଲେ। ସମ୍ମାନିତ ଅତିଥି ବିଶିଷ୍ଟ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୀବ କୁମାର ହୋତା, ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମିତ୍ତ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ରବିନ୍ଦ୍ର ଦାସଙ୍କଠାରୁ ଆରମ୍ଭ କରି କବି ବ୍ରଜନାଥ ରଥଙ୍କ ପର୍ଯ୍ୟନ୍ତ ସମସ୍ତେ ଶ୍ରମ ଦାନ କରିଛନ୍ତି ବୋଲି କହିବା ସହ ସେମାନଙ୍କ ବଳିଦାନ ଓ ମହତ୍ୱକୁ ସ୍ମରଣ କରିଥିଲେ। ବାଲେଶ୍ୱର ଲୋକସଭାର ସଦସ୍ୟ ଶ୍ରୀଯୁକ୍ତ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଓଡ଼ିଶା ବୀରପୁରୁଷ, ମାଟି, ଦେଶ ତଥା ରାଷ୍ଟ୍ର ଭିତରେ ଜୀବନ ବଞ୍ଚି ମଣିଷ ଏଠି ମହାନ ହୋଇଯାଏ ବୋଲି କହିଥିଲେ। ଓଡ଼ିଶାର ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର ବିଶ୍ୱବିଦ୍ୟାଳୟ ଆମ ଜାତୀୟ ଜୀବନର ଅସ୍ମିତା ଏବଂ ଏଠାରେ ବିଶ୍ୱସ୍ତରୀୟ ଜ୍ଞାନଚର୍ଚ୍ଚା ଅବସର ରହିଛି ବୋଲି କହିଥିଲେ। ତାମିଲ ଭାଷାର ବିଶିଷ୍ଟ ସାହିତ୍ୟିକ ଶ୍ରୀଯୁକ୍ତ ପେରୁମାଲ ମୁରୁଗାନ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଓଡ଼ିଆ ଓ ତାମିଲ ଭାଷାର ସମ୍ପର୍କ ବିଷୟରେ ସଂକ୍ଷିପ୍ତ ପରିଚୟ ଦେଇ ବକ୍ତବ୍ୟ ଆରମ୍ଭ କରିବା ସହ ତାଙ୍କୁ ସମ୍ମାନିତ କରାଯାଇଥିବା ହେତୁ ସେ ଅତ୍ୟନ୍ତ ଆନନ୍ଦିତ ବୋଲି କହିଥିଲେ। ଏହି ଅବସରରେ ଦେବେନ୍ଦ୍ର ଆଚାର୍ଯ୍ୟ ଓ ପୂଜାରାଣୀ ବେହେରାଙ୍କୁ ବେଷ୍ଟ ଭେଲ୍ୟୁଣ୍ଟର ପାଇଁ ଏନଏସଏସ ପୁରସ୍କାର ଏବଂ ଗୌରାଙ୍ଗ ପିଲା ଓ ପଙ୍କଜିନୀ ଦାସଙ୍କୁ ବେଷ୍ଟ ପୋଗ୍ରାମ ଅଫିସର ରୂପେ ୨୦୨୧/୨୨ ମସିହା ପାଇଁ ଏନଏସଏସ ଆୱାର୍ଡ଼ରେ ସମ୍ମାନିତ କରାଯାଇଥିଲା। ସେହିପରି ବିଶ୍ୱନାଥ ସାହୁଙ୍କୁ ୨୦୨୧ ମସିହାର ବେଷ୍ଟ ପିଜି ଛାତ୍ର ରୂପେ ପ୍ରଫେସର ଇନ୍ଦ୍ରମଣି ପତି ସ୍ୱର୍ଣ୍ଣ ପଦକ, ଡାଃ ଦିଲ୍ଲିପ କୁମାର ବେହେରାଙ୍କୁ ଫକୀରମୋହନ ଯୁବ ଲେଖକ ସମ୍ମାନ ୨୦୨୨, ବୈଜ୍ଞାନିକ ଡଃ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ଓ ଶ୍ରୀଯୁକ୍ତ ଗଜେନ୍ଦ୍ର ପ୍ରସାଦ ସାହୁଙ୍କୁ ବ୍ୟାସଗୌରବ ସମ୍ମାନ ୨୦୨୨ ଏବଂ ଆନ୍ତର୍ଜାତିକ ସ୍ତରରେ ଖ୍ୟାତିଲାଭ କରିଥିବା ତାମିଲ ଭାଷାର ଲେଖକ ଶ୍ରୀଯୁକ୍ତ ପେରୁମାଲ ମୁରୁଗାନଙ୍କୁ ଫକୀରମୋହନ ଜାତୀୟ ପୁରସ୍କାର ୨୦୨୨ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଏମଏମୟୁ ଇନ ମିଡ଼ିଆ ନିଉଜ ଓ ସେଣ୍ଟର ଅଫ ଏକ୍ସଲେନ୍ସ ବିଭାଗ ଉଦ୍‌ଘାଟିତ ହୋଇଥିଲା।

## ବିଛାଖଣ୍ଡି ପାହାଡରୁ ବେଆଇନ କଳାପଥର ଖନନ ଅଭିଯୋଗରେ ୩ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ବିଛାଖଣ୍ଡି ପାହାଡ଼ରୁ ବେଆଇନ ଭାବେ କଳାପଥର ଲୁଟ ଘଟଣାରେ ପୁଲିସ ୩ ଜଣ ମାଫିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ଏହି ତହସିଲ ଅନ୍ତର୍ଗତ ବିଭିନ୍ନ କଳାପଥର ଖାଦାନରେ ମାଫିଆମାନେ ପ୍ରଶାସନକୁ ଚକ୍‌ମା ଦେଖାଇ ବେଆଇନ ଭାବେ କଳାପଥର ଲୁଟ କରି ଅନ୍ୟତ୍ର ଚାଲାଣ କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଏନେଇ ତହସିଲ ଓ ପୁଲିସ ପକ୍ଷରୁ ମିଳିତ ଭାବେ ବିଭିନ୍ନ ସମୟରେ ସମ୍ପୃକ୍ତ ଖାଦାନଗୁଡ଼ିକରେ ଚଢ଼ାଉ କରାଯାଇ ଗାଡି ଓ ମେସିନ ଜବତ କରାଯାଉଛି। ହେଲେ ବେଆଇନ ଭାବେ ଚୋରି କରୁଥିବା ମାଫିଆମାନେ ଏଥିରୁ ସହଜରେ ଖସିଯିବାକୁ ସକ୍ଷମ ହେଉଛନ୍ତି। ଗତ ମାସ ୨୩ ତାରିଖରେ ଧର୍ମଶାଳା ତହସିଲ ଓ ଜିଲ୍ଲା ପୁଲିସ ସ୍କ୍ୱାର୍ଡ ପକ୍ଷରୁ ବେଆଇନ ଭାବେ କଳାପଥର ଖନନ ହେଉଥିବା ବିଛାଖଣ୍ଡି ପାହାଡ଼ରେ ଚଢ଼ାଉ କରାଯାଇ ଗାଡି ଓ ମେସିନ ଜବତ କରାଯାଇଥିଲା। ଖାଦାନରେ ଚଢ଼ାଉ ସମୟରେ ସୁରାକ ପାଇ ବେଆଇନଭାବେ ଖନନ କରୁଥିବା ମାଫିଆମାନେ ଘଟଣାସ୍ଥଳରୁ ଖସିଯିବାରେ ସକ୍ଷମ ହୋଇଥିଲେ। ତେବେ ଏନେଇ ବେଆଇନ କଳାପଥର ଖନନ କରୁଥିବା ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ଜେନାପୁର ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ତେବେ ପୁଲିସ ଢେଙ୍କାନାଳ ଜିଲ୍ଲା ନିହାଲ ପ୍ରସାଦ ଅଂଚଳର କୋଦଣ୍ଡ ସେଠୀ (୪୬) ଓ କଟକ ଜିଲ୍ଲା ଚାଉଳିଆଗଞ୍ଜ ଅଂଚଳର ସିଦ୍ଧାର୍ଥ ପୃଷ୍ଟି (୨୩), ଏହି ଥାନା ତାଳଜଙ୍ଗ ଗ୍ରାମର ଲକ୍ଷ୍ମୀଧର ରାଉତ (୩୩)ଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ଭାଷା ସୁରକ୍ଷା ସମ୍ମିଳନୀର ଅଷ୍ଟମ ବାର୍ଷିକ ଉତ୍ସବ



ଖୋର୍ଦ୍ଧା (ପିଏନ୍): ମାତୃଭାଷା ହେଉଛି ମା'ର ଭାଷା। ଏହା ଗୋଟେ ଜାତିର ଅସ୍ମିତା ଓ ସ୍ୱାଭିମାନ। ଏହାକୁ ଅବଜ୍ଞା କଲେ ମାତୃଦ୍ରୋହୀ ହେବ। ଭାଷା ସୁରକ୍ଷା ସମ୍ମିଳନୀର ଅଷ୍ଟମ ବାର୍ଷିକ ସମ୍ମିଳନୀରେ ଏହି ପ୍ରସଂଗ ଆଲୋଚନାର ବିଷୟ ସାଜିଛି। ଜିଲ୍ଲା ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଣପୁର ଚିଲିକା ଅଞ୍ଚଳ ବ୍ୟତୀତ ଟାଙ୍ଗୀ, ଖୋର୍ଦ୍ଧା ଓ ଖଲ୍ଲିକୋଟ ଅଞ୍ଚଳରୁ କବି, କବୟିତ୍ରୀ ତଥା ସାହିତ୍ୟିକମାନେ ଯୋଗଦେଇଥିଲେ । ଦୋକାନ ବଜାର, କାର୍ଯ୍ୟାଳୟ ତଥା ବିବାହବ୍ରତ ନିମନ୍ତ୍ରଣ ପତ୍ର ଓଡିଆରେ ଲେଖିବା ପାଇଁ ଆଲୋଚନା ହୋଇଥିଲା । ସରକାରୀ ସ୍ତରରେ ଓଡିଆ ଭାଷା ପ୍ରଚଳନ ତଥା ଭାଷା ଆୟୋଗ ଗଠନ ପାଇଁ ଦାବି ହୋଇଥିଲା। ଗବେଷକ ମଦନମୋହନ ମହାପାତ୍ର, ପ୍ରଫେସର ସର୍ବେଶ୍ୱର ଷଡଙ୍ଗୀ ଓ ରବିନ୍ଦ୍ରନାଥ ପ୍ରଧାନ ଓଡିଆ ଭାଷା ସାହିତ୍ୟକୁ ବାଣପୁର ଅବଦାନ ସଂପର୍କରେ ତଥ୍ୟ ସମ୍ବଳିତ ବିବରଣୀ ଉପସ୍ଥାପନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟ ସାମ୍ବିଧାନିକ ଆଲୋଚନାଚକ୍ରରେ ଚିଲିକା ଭାଷା ସୁରକ୍ଷା ସମ୍ମିଳନୀର ଉପଦେଷ୍ଟା ଭାବେ ଗବେଷକ ମଦନମୋହନ ମହାପାତ୍ର ଓ ପ୍ରଫେସର ସର୍ବେଶ୍ୱର ଷଡଙ୍ଗୀ ମନୋନୀତ ହୋଇଥିବା ବେଳେ ରଙ୍କନାଥ ସେଠୀ ସଭାପତି, ରବିନ୍ଦ୍ରନାଥ ପ୍ରଧାନ ଉପ-ସଭାପତି, ଦିଲୀପ କୁମାର ମହାନ୍ତି ଉପ-ସଭାପତି, ଶେଷଦେବ ମହାରଣା ସଂପାଦକ, ବନ୍ଦନା ମହାପାତ୍ର ସହ-ସଂପାଦିକା, କୁନ୍ତଳା ବେହେରା ସଂଗଠନ ସଂପାଦିକା, ଝରଣାରାଣି ଷଡଙ୍ଗୀ କୋଷାଧକ୍ଷା ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ରାଜକିଶୋର କେଇ, ସୁବାସଚନ୍ଦ୍ର ସେଠୀ, ମାଧବ ମହାରଣା, ଗତିକୃଷ୍ଣ ଜଗଦ୍ଦେବ ଓ କୃଷ୍ଣଚନ୍ଦ୍ର ବିଶ୍ୱାଳ ମନୋନୀତ ହୋଇଥିଲେ । ଅଧିବକ୍ତା ଶେଷଦେବ ମହାରଣା ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

# ସାହିତ୍ୟ ଦର୍ପଣ



## କଦମ୍ବ ଫୁଲର ବାସ୍ନା



### ବିପ୍ଳବ

ଲାଇଟର ମିଳୁ ନଥିଲା। ମୁଣ୍ଡ ଯୋରରେ ବିନ୍ଧୁଥିଲା। ଚା' କପେ ପି' ଦେଲେ କି ସିଗାରେଟ ଦି ଦମ୍ ଶୋଷାଡି ଦେଲେ ଉପସମ ମିଳନ୍ତା । ହେଲେ ଲାଇଟର କାଇଁ ? କୋଉଠି କିଛି ମିଳୁନି। ଅନ୍ଧାରରେ ବାଟ ଅଣ୍ଡାଳି ରୋଷେଇ ଘରକୁ ଗଲି। ଝର୍କା ଖୋଲିଲି। ଦଲକାଏ ଥଣ୍ଡା ପବନ ଦେହରେ ନେସି ହେଇଗଲା । ଲାଗିଲା ଝର୍କା ନୁହେଁ ମୁଁ ଯେମିତି ଫ୍ରିଜ୍ ର ଡୋର୍ ଖୋଲିଦେଲି !

ବିଜୁଳି ଚମକୁ ଥିଲା ଘନ ଘନ।

ଥାଙ୍କସ ଗଡ୍। ବିଜୁଳି ଆଲୁଅରେ ଗ୍ୟାସ୍ ଲାଇଟର ମିଳିଗଲା। ପବନ ଯେମିତି ପିଟୁଛି ଗ୍ୟାସ ଲଗେଇବା ଅସମ୍ଭବ । ଅଗତ୍ୟା ମୁଁ ଝର୍କା ବନ୍ଦ କରିବାକୁ ହେଲା।

କୋଉଠି ଚା' ,କୋଉଠି ଚିନି ଡବା ମୋତେ ଜଣା ନଥିଲା। ତା ଉପରେ ଏତେ ନିର୍ଭରଶୀଳ ହେଇଯାଇଥିଲି ଯେ ମୁହୂର୍ତ୍ତ ? ବଂଚିବା ମୁସ୍କିଲ ଲାଗୁଚି। ଏତେ ଗୁଡ଼ାଏ ଡବା ଅନାବଶ୍ୟକ ଭାବରେ ଥାକ ମାରିଚି କଣ ପାଇଁ କେଜାଣି ? ଗ୍ୟାସ୍ ସେମିତି ଜଳୁଥାଏ । ପୁଣି ଶୋଇବା ଘରକୁ ଫେରି ଆସିଲି। ଭାଗ୍ୟ ଭଲ। ସହଜରେ ମିଳିଗଲା ଗୋଲଡ୍ ଫ୍ଲେକ୍ । ଏବେ ଜଳନ୍ତାଗ୍ୟାସରେ ଲଗେଇଲି ଫ୍ଲେକ୍ । ଗ୍ୟାସ୍ ଅଫ୍ କରି ପୁଣି ଶୋଇବା ଘରକୁ ଫେରିଲି। ଦି ଦମ୍ ଟାଣି ଆସଟ୍ରେ ରେ ବଳକା ଅଂଶକୁ ଟିପରେ ଦଳି ଦେଲି। ଟିକିଏ ରିଲାକ୍ସ ଲାଗୁଥିଲା।

ବାହାରେ ନାଚୁଥିଲା ବର୍ଷା । ବାଲକୋନିରେ, ରାସ୍ତାରେ, ଛାତ ଉପରେ। । ସବୁଠି । ମଦ୍ୟପ ବରଯାତ୍ରୀ ପରି। ଲାଇନ୍ ମ୍ୟାନକୁ ପିଟିବାକୁ ଇଛା ହେଉଥିଲା। ଟିକିଏ ବର୍ଷା ହେଲେ ଲାଇନ୍ ଫେରାର, ଯେମିତି ବର୍ଷା ଗୋଟେ ସୁଯୋଗ ତାଙ୍କ ପାଇଁ ! ଚାର୍ଜ ଲାଇଟରେ ବି ଚାର୍ଜ ନାହିଁ। ମୋବାଇଲ ବି ମିଳୁନି। ସେଥିରେ ଚାର୍ଜ ଅଛି କି ନାହିଁ କେଜାଣି ! ପୁଣି ଗୋଟେ ଫ୍ଲେକ୍ ସରି ଆସିଲାଣି। ମାତ୍ର ବର୍ଷା ସରୁ ନଥିଲା। କେତେ ରାତି ହେବ କେଜାଣି ! ଭୋକ ବି ଲାଗୁଥିଲା । ନା ଆକାଶରେ ଜହ୍ନ ଅଛି ନା ତାରା । ବାଘ ହେଣ୍ଟାଳରେ ତୃଣଭୋଜି ପ୍ରାଣୀ ଆତ୍ମଗୋପନ କଲା ପରି ମେଘର ପଟୁଆର ଆଉ ଘଡ଼ଘଡି ଗର୍ଜନରେ ଜହ୍ନ, ତାରା ସବୁ ଛପି ଯାଇଥିଲେ।

ବର୍ଷା... ମୁଷଳ ଧାରାରେ ବର୍ଷୁଥିଲା ।

ଯେମିତି ଶ୍ରାବଣ ଆକାଶ ଫାଟି ପଡିଛି !

ଗରମ ବି କିଛି କମ୍ ନଥିଲା।

ବର୍ଷା ରାତିରେ ବି ଅଂଶୁଘାତ ଡର ଲାଗୁଥିଲା ।ଦେହ ବତୁରି ଯାଉଥିଲା ଗୁଳୁ ଗୁଳିରେ।

ପୁଣି ଜଳୁଥିଲା ରଡ ନିଆଁ ପରି !

ମଶା ମାନଙ୍କ ଅତ୍ୟାଚାର ବି କିଛି କମ୍ ନଥିଲା। କାନ ପାଖରେ ଭେଁ ଭେଁ ହେଇ ମୁଣ୍ଡ ଖରାପ କରୁଥିଲେ।

ଦଲକାଏ ଥଣ୍ଡା ପବନ ଲୋଭରେ ଝର୍କା ପାଖକୁ ଉଠିଗଲି। ବର୍ଷାର ଛିଟା ପଡି ଦେହ ଆଶ୍ୱସ୍ତ ଲାଗୁଥିଲା। ଝର୍କା ସେପାଖେ କଦମ୍ବ ଗଛ ସବୁ ବର୍ଷାକୁ ଛାତି ପତେଇ ଭିଜୁଥିଲେ। କଦମ୍ବ ଫୁଲର ଭିଜା ବାସ୍ନାରେ ରାତି ମହକୁଥିଲା ।ନକ୍ଷତ୍ରା ... ତମେ କିଛି ଠିକ୍ କଲ ନି। କେତେ ସୁନ୍ଦର ବର୍ଷା ରାତି , ଗାଢ଼ ଅନ୍ଧାର, କଦମ୍ବ ଫୁଲର ବାସ୍ନା... ଆଉ ଏତେ ବଡ଼ ଘରେ ମୁଁ ଏକା ! ବାଚେଲର୍ ଲାଇଫ୍ ମେଣ୍ଟେନ କରୁଛି। ବହୁତ ରାଗ ଲାଗୁଚି ତମ ଉପରେ। ନକ୍ଷତ୍ରା ନ ଡାକି ନଖି ନଖି ଡାକି ତମକୁ ଚିଡ଼ ?ଇବାକୁ ଇଛା ହେଉଛି। ଏଇ...ପ୍ଲିଜ୍ ଫେରି ଆସ ।

ଦେଖ, ତମ ବିନା ଏଇ ରିମଝିମ୍ ବର୍ଷାରେ କେମିତି ମୁଁ ସିଝି ଯାଉଛି ତତଲା ତାୱାରେ ଭଜା ଆମଲେଟ୍ ପରି।

ନାରୀର ହୃଦୟ କୁଆଡେ ବହୁତ କୋମଳ ଆଉ ବିଶାଳ।

କୋମଳ ନା ମାଣ୍ଟୁ ମୁଣ୍ଡିଆ ପଥର।

ବିଶାଳ ନା ଫିସାଳ !

ଏ ସବୁ ପାଇଁ ସେଇ ଜୁଲି ଦାୟୀ। ସରକାର କଣ ପାଇଁ କୋଟାରେ ଚାକିରୀ ଦେଇ ଆମକୁ ଟେନ୍ସନ ଦେଉଛନ୍ତି କେଜାଣି । ଶାଳୀ କିଛି ଶିଖିନି । ଚାଲିଆସିଲା ମାଉସ କ୍ଲିକ କରିବାକୁ। ତୁ ଯଦି ଶିଖିନୁ ଅଫିସ୍ ରେ ପାଖକୁ ଆସି ଶିଖିଲୁ ଠିକ୍ ଅଛି। ଘରେ ପ୍ରାକ୍ଟିସ୍ କରି ମୋତେ କଲ୍ କରିବା କଣ ଦରକାର ? ତୋ ସହ ଯେତେବେଳେ କୌଣସି ପ୍ରେମ ସମ୍ପର୍କ ନାହିଁ ପ୍ରେମିକା ପରି ଅଭିନୟ କରିବା କଣ ଦରକାର ? ତମ ଝିଅ ମାନଙ୍କୁ ବାଡୁଅ ଟୋକା ମିଳୁ ନାହାନ୍ତି କି ? ଏ ମେଡିଆ ବାଲା ଯେତେ ସବୁ ବାଜେ ଖବରକୁ ମୁଖ୍ୟ ଖବର କରି ଘଣ୍ଟା ଘଣ୍ଟା ଦେଖେଇ ସମାଜ ନଷ୍ଟ କରି ଦେଲେଣି।

ନକ୍ଷତ୍ରାର କଣ ବା ଦୋଷ ?

ଜୁଲି ଅଚାନକ ଫୋନ କରି ତା ମୁଣ୍ଡଟା ଖରାପ କରିଦେଲା। ତା ପର ଦିନ ଅଫିସ୍ ଯାଇ ତାକୁ ବହୁତ ଗାଳି କଲି। ଅଫିସ୍ କାମରେ ଘରକୁ କଲ ନ କରିବା ପାଇଁ ତାଗିଦା କଲି। ତା ଅଜାଣତରେ ଏ ସବୁ କଥା ରେକର୍ଡିଂ କରି ନକ୍ଷତ୍ରା ପାଖରେ ମୋ ନିର୍ଦ୍ଦୋଷତାର ପ୍ରମାଣ ରଖିଲି। ଦୁଇଦିନ ଛୁଟି ନେଇ ଟାଉନ ବାହାରେ ବୁଲେଇଲି। ମଲ୍ କୁ ନେଇ ତା ପସନ୍ଦର ଦାମୀ ଦାମୀ ଇନର ଆଉ ନାଇଟୀ ଆଣିଲି। ଲକ୍ଷ୍ୟ କଲି ସେ ସ୍ୱାଭାବିକ ହେଉଛି। ମୁଁ ଆଶ୍ୱସ୍ତ ହେଲି। ଦୁଇଦିନ ପର ଘଟଣା। ମୁଁ ଡ୍ରଇଂ ରୁମ ରେ ବସି ନିଉଜ ଦେଖୁଚି। ମୋ ପାଖରେ ଠିଆ ହୋଇଗଲା ସେଲମା। ଆମ ଘର ପୋଛୁଥିବା ଝିଅ। ବାଂଲା ଦେଶୀ। ଏଇ କଲୋନୀ ପାଖରେ ଖରାରେ ତରାରେ ବାଲି ସିମେଣ୍ଟ କାମ କରୁଥିଲା। ଝିଅ ପିଲାଟା ଖରାରେ ଖଟୁଥିବା ଦେଖି କଲୋନୀ ଶେଷ ମୁଣ୍ଡରେ ରହୁଥିବା ମଥୁରି ବାବୁଙ୍କ ସ୍ତ୍ରୀ ତାକୁ ଘରେ କାମ ଦେଇଥିଲେ। ତା ପରେ ସେ କଲୋନୀ ସାରା ଅଧିକାଂଶଙ୍କ ଘରେ ଲିପା ପୋଛା କାମ କରେ। ଆମ ଘରେ ଏଇ ଦୁଇମାସ ହେବ କାମ କରୁଛି।

କଣ ହେଲା ବୋଲି ମୁଁ ତାକୁ ପଚାରିଲି।

ସେ କହିଲା -' ମା ଦେହ ବହୁତ ଖରାପ।'

- ତେବେ କିଆଁ ଆସୁଥିଲୁ ? ଘରେ ରହି ମା କଥା ବୁଝିଲୁନି ?

-କିଛି ପଇସା ଦରକାର ଥିଲା ।

- ଠିକ ଅଛି, ନେଇଯିବୁ ଗଲା ବେଳେ

- ଟିକେ ଅଧିକ ଦରକାର ଥିଲା ?

- ହଉ

-ଚାଳିଶ, ପଚାଶ ହଜାର

ମୁଁ ଟିଭି ଦେଖା ବନ୍ଦ କରି ତା ମୁହଁକୁ ଚାହିଁଲି। ଆରେ ଇଏ ପାଗଳୀ ହେଇ ଗଲାଣି ନା କଣ ! ମାସକୁ ଟଙ୍କା ତିନି ହଜାର ଆମେ ଦୟା ଦେଖେଇ ଦେଉଛୁ ଅଧଘଣ୍ଟେ କାମ ପାଇଁ। ଦୁଇ ମାସର ପରିଚୟ। ଏତେ ଟଙ୍କା ! ସେ ତା ନିଜ ସ୍ଥିତି ଭୁଲି ଯାଇଛି ବୋଧେ ?

ମୁଁ ଆଶ୍ଚର୍ଯ୍ୟ ହୋଇ ତାକୁ ଚାହିଁଲି ପୁଣି ଥରେ।

- ବାବୁ, ମୋ ଇଜ୍ଜତ ଦାମ୍ ଆଠୁ ବେଶି ନୁହେଁ।

- ମାନେ ?

ମୁଁ କିଛି ଭାବିବା ଆଗରୁ ସେ ଚିଲ୍ଲେଇଲା

- ମାଡାମ୍ ..ମାଡାମ୍

ଆଉ ବ୍ଲାଉଜ୍ ଉପର ବଟମ ଖୋଲି ଲୁଗା ଟିକେ ଚିରିଦେଇ ମୋ ପାଖକୁ ମାଡି ଆସିଲା।

ନକ୍ଷତ୍ରା ବାଥ୍ ରୁମ୍ ଭିତରୁ ବାହାରି ଆସିଲା। ମୁଁ କିଛି କହିବା ପୂର୍ବରୁ ମୋ ଗାଲକୁ ଦୁଇ ଚଟକଣା ମାରି ସେଇ ଅଧା ଗାଧୁଆରେ ଡ୍ରେସ୍ ବଦଳାଇ ଚାଲିଗଲା।

ଦୁଇଦିନ କାଳ ବହୁତ କାନ୍ଦିଲି। ଅଫିସ୍ ଯିବାକୁ ଇଚ୍ଛା ହେଲାନି। ଫୋନ୍ କରି ବଡ ବାବୁକୁ କହିଦେଲି। ତୃତୀୟ ଦିନ ଅଫିସ୍ ଷ୍ଟାଫ ସବୁ କେମିତି ଏକ ଅସ୍ୱାଭାବିକ ଦୃଷ୍ଟିରେ ମୋତେ ଚାହୁଁଥିଲେ। ଅବଶ୍ୟ ସାମ୍ନାରେ କେହି କିଛି କହୁ ନଥିଲେ। ଜୁଲି ସମବେଦନା ଜଣାଇବାକୁ କି ମୋ ନିକଟତର ହେବାକୁ ମଉକା ଖୋଜୁଥିଲା ବୋଧେ !

- ମୋ ଡାଡ୍ କହୁଥିଲେ ବାଂଲା ଦେଶୀ ଗୁଡା ଆମ ପାଇଁ ବେଶି ବିପଦ। ବିଶେଷ କରି ଝିଅ ଗୁଡାକ। ପ୍ରଥମେ ବିଶ୍ୱାସ ଜନ୍ମେଇବେ, ପରେ ବଦନାମ କରି ବ୍ଲାକ୍ ମେଲ୍ କରିବେ। ହେଲେ ମୁଁ ଜାଣିଚି ଆପଣ ବହୁତ ଭଲ। ସ୍ୱାମୀ ବିବେକାନନ୍ଦ ପରି।

ଜୁଲିର ତେଲ ମରା କଥା ଶୁଣି ମୋତେ ବିରକ୍ତ ଲାଗୁଥିଲା। ଇଛା ହେଉଥିଲା ଢୋ କିନା ଗୋଟେ ଚଟକଣା ତାକୁ ଦେବାକୁ। ଆରି ପାଇଁ ଯେତେ ସବୁ ଟେନ୍ସନ ଲାଇଫ୍ ରେ। ଭଲେଇ ଦେଖେଇ ହଉଚି ! ଯା ପାଇଁ ନକ୍ଷତ୍ରା ମୋତେ ଭୁଲ୍ ବୁଝିଲା। ତାର ଫାଇଦା ନେଲା ଚାକରାଣୀଟା।

କଲୋନୀ ସାରା, ଅଫିସ ସାରା ପ୍ରଶ୍ନବାଣରେ ମୁଣ୍ଡ ଟିଣ ।

ବାହାରେ ମାତାଲ୍ ବର୍ଷା, ଭିତରେ ମାତାଲ୍ ବିପ୍ଳବ। ଏତେ ବର୍ଷାରେ ବି ସହରରେ ଗହଳି କମି ଯାଇନି। ରାସ୍ତାରେ ପେଁ ପାଁ କରି ଗାଡ଼ି ମଟର ଯାତାୟାତ କରୁଛି ଅବିରାମ ଗତିରେ। ଝର୍କା ପାଖରେ ଢୁଳୋଉ ଥିଲି ମୁଁ। କଦମ୍ବ ଫୁଲ ବାସ୍ନାରେ ମହକୁ ଥିଲା ରାତି। ହଠାତ୍ କବାଟରେ କାହାର ମୃଦୁ କରାଘାତ ଶୁଭିଲା। ଅନ୍ଧାରରେ କିଏ ଠକ୍ ଠକ୍ କରୁଛି ? ଜୁଲି ନା ସେଲମା ..କିଏ.. ? ନା ପୋଲିସ.. ଜୁଲି କଥା ହୁଏତ ସତ। ସେଲମା ମୋ ନାଁ ରେ ନିଶ୍ଚିତ ଭାବେ ଅଭିଯୋଗ କରିଛି।

ଭୟରେ ଛାତି ଥରିଲା। ଝର୍କା ବନ୍ଦ କରି ଚୁପଚାପ୍ ଖଟ ଉପରକୁ ଚାଲି ଆସିଲି। ଠୁଙ୍କା ହେଇ ବସିଲି ଆଣ୍ଠୁ ସନ୍ଧିରେ ମୁହଁ ପୁରେଇ। କବାଟରେ କରାଘାତ ବଢୁଥିଲା। ଲାଗିଲା ବେଶି ସମୟ ଚାପରେ ରହିଲେ ହାର୍ଟ ଷ୍ଟ୍ରୋକ୍ ହେଇଯିବ।

ମନରେ ସାହସ ବାନ୍ଧିଲି। ଠିଆ ହେଲି। ପରିସ୍ଥିତିକୁ ସାମ୍ନା କରିବାକୁ ହେବ। ଗାଢ଼ ଅନ୍ଧାରରେ କିଏ ବା ଚିହ୍ନିବ ? ପୋଲିସ ହେଇଥିଲେ ଲୁଚି ଖସି ଯିବି ।

ପାଦ ଚିପି ଚିପି ଅଗ୍ରସର ହେଲି। କବାଟ ଆସ୍ତେ ଖୋଲିଲି ଯେମିତି ସାମାନ୍ୟ ଶବ୍ଦ ଶୁଣା ନ ଯାଏ।

କବାଟ ଅଧା ଖୋଲିଛି କି ନାଇଁ ଲାଗିଲା କବାଟ ଖୋଲି କେହି ଯେମିତି ମୋତେ ମାଡି ବସୁଚି।

ମୁଁ ଛାନିଆ ହେଇ ଭୂତ ଭୂତ ଚିଲେଇଲି। ସେ ମୋ ପାଟିକୁ ଚାପି ଧରିଲା। ମୁଁ ଚେଷ୍ଟା କରି ପାଟି ଖୋଲି ପାରୁ ନଥିଲି। ଦେହ ନିସ୍ତେଜ ହେଇ ଆସୁଥିବା ପରି ଲାଗିଲା।

- ନକ୍ଷତ୍ରା,ମୁଁ ତମ ନକ୍ଷତ୍ରା .. ପ୍ଲିଜ.. ମୋତେ କ୍ଷମା କରିଦିଅ।

ମୋ ଦେହ ବରଫ ପରି ଥଣ୍ଡା ହେଇଗଲା। ମୁଁ ଭୟରେ ଥରି ଉଠିଲି, ତାର ସେଇ ଶେଷ ଦୁଇ ଚଟକଣି ମନେ ପଡ଼ିଲା। ତାହେଲେ ନକ୍ଷତ୍ରା କଣ ଆତ୍ମହତ୍ୟା କରିଦେଲା , ଆଉ ଇଏ ତାର ଭୂତ.. !

ନକ୍ଷତ୍ରା... ପୁଣି ଏତେ ରାତିରେ..

ମୁଁ ନିଜକୁ ବିଶ୍ୱାସ କରି ପାରୁନି। ଦେହ ଝାଳେଇ ଯାଉଛି।

- ଏଇ.. କଣ ଭାବୁଛ, ମୁଁ ସତରେ ଆସିଛି..

ମୁଁ ସ୍ତବ୍ଧ ହେଇଗଲି। ମୋ ମୁଣ୍ଡ କାମ କରୁ ନଥିଲା। ତା ହାତକୁ ମୋ ପାପୁଲିରେ ମୁଠେଇ ଧରିଲି।

ଏବେ ସତକୁ ସତ ଅନୁଭବ ହେଲା ନକ୍ଷତ୍ରା ଆସିଛି।

ହେଲେ.. ଅଚାନକ ଏମିତି ବଦଳି ଗଲା କେମିତି ? ଇଏ ଆଉ ନାଟକ ନୁହେଁ ତ ?... ଏତେ ରାତିରେ.. ଏତେ ବର୍ଷାରେ... ମନରେ ପ୍ରଶ୍ନ ମାନଙ୍କର ଭିଡ। କିଛି ପଚାରିବାକୁ ସାହସ ହେଉନି।

- ପ୍ଲିଜ୍... ରାଗନି, ଯାହା ଦଣ୍ଡ ଦେବ ମଥାପାତି ସ୍ୱୀକାର କରିନେବି, ହେଲେ କିଛି ତ କୁହ.. ଏ ଇ.. କଣ ମୁକ ହେଇ ଯାଇଛ ? ଜାଣିଛ ..ମନେ ପକାଅ କାଲି ଘଟଣା। କେହି ଜଣେ ଆମ ରୁମ୍ ରେ ପଶି

ସିସି ଟିଭି ଫୁଟେଜ୍ ଚେକ୍ କରିଛି। ସେ କେହି ନୁହନ୍ତି, ଭାଇଙ୍କ ସାଙ୍ଗ। ଭାଇ ତମକୁ ବେଶି ଭଲ ପାଏ। ବିଶ୍ୱାସ କରେ। ସେ ବାରମ୍ବାର କହୁଥିଲା ମୁଁ ତମକୁ ଭୁଲ୍ ବୁଝୁଛି ବୋଲି। ସେଥି ପାଇଁ ତା ସାଙ୍ଗକୁ ପଠେଇ ଫୁଟେଜ୍ ଚେକ କରିଥିଲା। ସବୁ ଦୋଷ ସେଇ ଘର ପୋଛା ଟୋକିର। ସେ ଏବେ ଫୋନ୍ କରି କହିଲେ। ବିନା ଦୋଷରେ ତମକୁ ଏତେ ଦଣ୍ଡ ଦେଲି। ସବୁ ଶୁଣି କେମିତି ରହି ପାରିଥାନ୍ତି ଏ ବର୍ଷା ରାତିରେ ତମକୁ ଏକୁଟିଆ ଛାଡି। ବହୁତ ଛଟପଟ ଲାଗୁଚି। ନିଜକୁ ଘୃଣା ଆସୁଛି।

- ହେଲେ। ଏତେ ରାତିରେ, ଯଦି କିଛି ଅସୁବିଧା ହେଇଯାଇଥାନ୍ତା..

-' ଏଇ, ତମ ଫୋନ୍ ପା ଅଫ୍ ଥିଲା। ଭାଇ ରାଗୁଥିଲା ମୋ ଉପରେ। ଓଲା ବୁକ୍ କରି ଚାଲି ଆସିଲି। ବେଶି ରାତି ହେଇନି ମା। ସାଢ଼େ ନ' ଟା।

ନକ୍ଷତ୍ରା ମୋତେ ଜାବୁଡ଼ି ଧରି କାନ୍ଦୁଥିଲା। ମୁଁ ବି କାନ୍ଦି ପକେଇଲି। ବାଁ ହାତରେ ଝର୍କା ଖୋଲି ଦେଲି। ଦଲକା ଦଲକା ଥଣ୍ଡା ପବନ ପଶି ଆସିଲା। ପବନ ସହିତ କଦମ୍ବ ଫୁଲର ମିଠା ମହକ। ମୁଁ ବେଡ୍ ଉପରେ ଅଛାଡ ହେଇ ପଡିଗଲି। ଶଗଡେ କଦମ୍ବ ଫୁଲ ପରି ନକ୍ଷତ୍ରା ମୋ ଦେହ ସାରା ବିଞ୍ଚି ହେଇଗଲା। ଭୁରୁ ଭୁରୁ ବାସ୍ନାରେ ମହକୁ ଥିଲା ରାତି। ଏବେ ଅନ୍ଧାର ଆହୁରି ଭଲ ଲାଗୁଥିଲା।

ମକୁନ୍ଦ ପୁର, ବାଙ୍କୀ

ମୋ : ୯୪୩୭୪୬୮୦୧୬

## କରିତକର୍ମା-୨



### ସୁଦର୍ଶନ ମହାପାତ୍ର

ଇଂରାଜୀ ଭାଷା ଶିକ୍ଷକ ହିସାବରେ ସୁରେନ୍ଦ୍ର ବାବୁ ମୋତେ ଖୁବ୍ କାର୍ଯ୍ୟକ ଲାଗନ୍ତି। ଆମର ପ୍ରଥମ ପରିଚୟ ପର୍ବରେ ତାଙ୍କ କଥା କହିବାର ଶୈଳୀରୁ ଆପାତତଃ ମୋତେ ସେୟା ଲାଗିଥିଲା । ଖୁବ୍ ସୁନ୍ଦର ବ୍ୟକ୍ତିତ୍ୱ, ମିଷ୍ଟଭାଷୀ ମଧ୍ୟ। ତାଙ୍କ ଶାନ୍ତ ଅମାୟିକ ବ୍ୟବହାରରେ ମୁଁ ମୁଗ୍ଧ ହୋଇ ଯାଇଥିଲି। ଜଣେ ଦରଦୀ ବନ୍ଧୁ ହିସାବରେ ସେ ମୋ ମନ କିଣି ନେଇଥିଲେ କହିଲେ ଅତ୍ୟୁକ୍ତି ହେବ ନାହିଁ। ଥରେ କଥାବାର୍ତ୍ତା ଭିତରେ ସେ ଗୋଟିଏ ଏଜେଣ୍ଟ ହିସାବରେ ଫାଇନାନ୍ସ କମ୍ପାନୀରେ କାମ କରୁଛନ୍ତି ବୋଲି ଜାଣିଲି । କିଛି ଦିନ ଉତ୍ତାରୁ କିଛି ପଇସା ସେ ସଂସ୍ଥାରେ ଜମା କରି ବେଶି ସୁଧ ପାଇବାକୁ ଅନୁରୋଧ କଲେ। ଚିଟଫଣ୍ଡ ପ୍ରତି ମୋର ବୀତସ୍ପୃହତା ଜାଣି ଛଅ ସାତ ପ୍ରକାରର ନଥିପତ୍ର ଦେଖାଇ ତା'ର ବିଦ୍ଧିବଦ୍ଧତା ପ୍ରମାଣ କରିବାକୁ ଚେଷ୍ଟା କଲେ।

ଏଥର ମୁଁ ନୂଆ ବାହାନା ଦେଖାଇ,ମୋ ପାଖରେ ଏବେ ପଇସା ନାହିଁ ବୋଲି ଦର୍ଶାଇଲି। ଦୁଇ ତିନି ଥର ମୋ ଠାରୁ ନାସ୍ତି ଶୁଣି, ଦିନେ ମୋ ନାଁ ରେ ଟଙ୍କା ଡିପୋଜିଟ୍ କରି ରସିଦ୍ ଆଣି ଧରେଇ ଦେଲେ ।ବାଧ୍ୟ ହୋଇ ଟଙ୍କା ଫେରେଇଲି। ହେଲେ ମୋର ଅନୁମାନ ସତ ହେଲା। କେହି କହିଲେ ଚିଟଫଣ୍ଡ କମ୍ପାନୀ ପଇସା ଲୁଟିନେଲା ତ କେହି କହିଲେ ଏଜେଣ୍ଟ ମାନେ ଟଙ୍କା ତୋଷାରପାତ କରି ମିଛ ଡିପୋଜିଟ ସ୍ଲିପ ଆଣି ଧରେଇଛନ୍ତି। ଥରେ ଦୁଇ ଥର କହିବା ପରେ ମୁଁ ଟଙ୍କା ବିଷୟରେ ସୁରେନ୍ଦ୍ର ବାବୁଙ୍କୁ ଆଉ କିଛି ପଚାରିଲି ନାହିଁ। ମୋ ପରି ଜଣାଶୁଣା ଭିତରେ ଆଉ ଚାରି ପାଞ୍ଚ ଜଣ ଯେ ସମଦଶା ଭୋଗିଛନ୍ତି ମୁଁ ପରେ ଜାଣିଲି।

ଦିନେ ବଜାର ଭିତରେ ସୁରେନ୍ଦ୍ର ବାବୁ ମୋତେ ଦେଖିଦେଲେ। ମୁଁ କିନ୍ତୁ ତାଙ୍କୁ ଦେଖି ନ ଦେଖିଲା ପରି ଦୂରେଇ ଯିବାକୁ ଚେଷ୍ଟା କଲି। ସୁଯୋଗ ବି ସାମ୍ନାରେ ଥିଲା ।ଏଲ୍.ପି.ଇଲେକ୍ଟ୍ରୋନିକ୍ସ ସୋ ରୁମ୍ ଭିତରକୁ ପଶିଗଲି। ପ୍ରକୃତରେ ମୋର ସେଇଭଳି କିଛି ଦୋକାନକୁ ଯାଇ ଆକ୍ୱାଗାର୍ଡ ରେଟ ବୁଝିବାର ଥିଲା। କିଛି କ୍ଷଣ ମଧ୍ୟରେ ମୋ ନାଁ ଧରି କେହି ଡାକୁଥିବାର ଜାଣି ବୁଲି ଚାହିଁଲି। ସୁରେନ୍ଦ୍ର ବାବୁଙ୍କୁ ସାମ୍ନାରେ ଦେଖି ଚମକି ପଡିଲି ସିନା ମୁହଁରେ ହସ ଫୁଟେଇ କୁଶଳ ମଙ୍ଗଳ ପଚାରିଲି।

କ'ଣ ପାଇଁ ଏ ସୋ ରୁମକୁ ଆସିଛି ବୋଲି ସିଧା ପଚାରି ବସିଲେ ସୁରେନ୍ଦ୍ର ବାବୁ। ମୁଁ ତାଙ୍କୁ କ'ଣ କହିବି ବୋଲି ଥତମତ ହେଲାବେଳକୁ ଦୋକାନର ସେଲସମ୍ୟାନ କେଉଁ କମ୍ପାନୀ ର ଆକ୍ୱାଗାର୍ଡ ନେବାକୁ ଚାହୁଁଛି ବୋଲି ପଚାରି ବସିଲା।-' ନା, ଏମିତି ଖାଲି ଦାମ୍ ବୁଝିବାକୁ ଆସିଥିଲି ।'ହସି ହସି କହିଲି ।ସେଲସମ୍ୟାନ ବୁକଲେଟ ଆଣି ପହଞ୍ଚିଲା ଭିତରେ, ସୁରେନ୍ଦ୍ର ବାବୁ ସୋ ରୁମ୍ ରୁ ଜିନିଷ କିଣିଲେ ଅଧିକ ଦାମ୍ ପଡିବ ବୋଲି ମୋତେ ବୁଝେଇବାକୁ ଚେଷ୍ଟା କରୁଥିଲେ। ତଥାପି ଯାଇଥିଲି ଯେତେବେଳେ ବିଭିନ୍ନ କମ୍ପାନୀ ଆକ୍ୱାଗାର୍ଡର ଦାମ୍ ବୁଝି ଫେରିବାକୁ ଠିକ୍ ମନେ କଲି। ସେଠାରୁ ବାହାରିବା ପରେ ହିଁ ସୁରେନ୍ଦ୍ର ବାବୁ ମୋ ପିଛା ଛାଡିଲେ। ପ୍ରକୃତରେ ଅତୀତର ଗୋଟିଏ ଘଟଣା ମନେପକାଇ ମୁଁ ତାଙ୍କୁ ଉପେକ୍ଷା କରିବାକୁ ଚାହୁଁଥିଲି ।

ସେଇ ଘଟଣା ପରେ କୋଚିଂ ସେଣ୍ଟର ଭିତରେ ଆକ୍ୱାଗାର୍ଡ କିଣିବା ବିଷୟରେ ପ୍ରାୟ ଦୁଇ ତିନି ଥର ପଚାରି ସାରିଥିଲେ ସୁରେନ୍ଦ୍ର ବାବୁ।' ମୋ ପାଖରେ ପଇସା ଏବେ ନାହିଁ' ବୋଲି ସଫେଇ ବାରମ୍ବାର ଶୁଣିଲା ପରେ ଦିନେ ସେ ମୋ ଆଗରେ ଆକ୍ୱାଗାର୍ଡ କିଣାର ସମ୍ଭାବ୍ୟ ଦିଗଟିଏ ବିଷୟରେ କହିଲେ। ଇନଷ୍ଟଲମେଣ୍ଟରେ ଚାହୁଁଥିବା ଅତ୍ୟାଧୁନିକ ଆକ୍ୱାଗାର୍ଡ ଟି କିଣେଇଦେବେ ବୋଲି ପ୍ରତିଶ୍ରୁତି ଦେଲେ। ମାତ୍ର ସାଙ୍ଗେ ସାଙ୍ଗେ ତାଙ୍କର ପ୍ରସ୍ତାବକୁ ମୁଁ କାଟିଦେଲି। ସେ ବୋଧହୁଏ ନିରାଶ ଅନୁଭବ କଲେ।-' ଦେଖନ୍ତୁ ସୁଜୟ ବାବୁ, ଆସନ୍ତା ଦୁର୍ଗାପୂଜା ସମୟରେ ମାଡାମଙ୍କୁ ଆକ୍ୱାଗାର୍ଡ ଟିଏ ଉପହାର ଦିଅନ୍ତୁ। ମୁଁ ସବୁ ବ୍ୟବସ୍ଥା କରିଦେବି।' ସୁରେନ୍ଦ୍ର ବାବୁଙ୍କ କଥାରେ ମୁଁ ଟିକିଏ ହସିଲି ସିନା ନିରୁତ୍ତର ରହିଲି।

ମୋତେ ଆଶ୍ଚର୍ଯ୍ୟ ଚକିତ କରି ଗୋଟିଏ ରବିବାରରେ ଆମ ଘରେ ପହଞ୍ଚିଗଲେ ସୁରେନ୍ଦ୍ର ବାବୁ। ଅଗତ୍ୟା ଅତିଥି ଚର୍ଚ୍ଚାରେ ଥିବା ମୋ ପତ୍ନୀ ଙ୍କ ସାମ୍ନାରେ ସେ ପୁନର୍ବାର ଉତ୍ଥାପନ କଲେ ଆକ୍ୱାଗାର୍ଡ ବିଷୟରେ। ଆଜିକାଲି ଯୁଗରେ ଆକ୍ୱାଗାର୍ଡର ଆବଶ୍ୟକତା ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇବାକୁ ଲାଗିଲେ। ପିଲାମାନଙ୍କ ସ୍ୱାସ୍ଥ୍ୟ ସଚେତନତା ସେଥିରେ ଅନ୍ତର୍ଭୁକ୍ତ ଥିଲା , ଯାହା ପତ୍ନୀଙ୍କ ହୃଦୟକୁ ଛୁଇଁ ଯାଇଥିଲା। ଆକ୍ୱାଗାର୍ଡ କିଣିବାର ସହଜ ସରଳ ଉପାୟ ମଧ୍ୟ ସେ ଆଉଥରେ ବ୍ୟାଖ୍ୟା କଲେ। ଏଥର ପତ୍ନୀଙ୍କ ଅନୁରୋଧରେ ଆକ୍ୱାଗାର୍ଡ କିଣିବାକୁ ମନସ୍ଥ କଲି । ଇନଷ୍ଟଲମେଣ୍ଟରେ ହିସାବ କିତାବ କରି ମୋତେ ସବୁ କିଛି ବୁଝେଇଲେ ସୁରେନ୍ଦ୍ର ବାବୁ। ତାଙ୍କ ମନ ରଖିବାକୁ -'ପରେ ଆପଣଙ୍କୁ ଜଣେଇବି,କାରଣ ମୋ ପାଖରେ ଏବେ ପ୍ରଥମ ଇନଷ୍ଟଲମେଣ୍ଟର ପଇସା ମଧ୍ୟ ନାହିଁ ।' ବୋଲି ଧୀରେ ସ୍ୱରରେ କହିଲି।' ହଉ ଦେଖିବା ' କହି ଚିରାଚରିତ ସେଇ ଅମାୟିକ ହସଟିଏ ମୋ ଆଡ଼କୁ ଫିଙ୍ଗି ସେଦିନ ସେ ବିଦାୟ ନେଲେ ।

ଦୁର୍ଗାଷ୍ଟମୀ ଦିନ ଗୋଟିଏ ପିଲା ଏବଂ ଆକ୍ୱାଗାର୍ଡ ଟିଏ ସାଙ୍ଗରେ ଧରି ଆମଘରେ ହଠାତ୍ ଆସି ପହଞ୍ଚିଗଲେ ସୁରେନ୍ଦ୍ର ବାବୁ। ମୁଁ କାବା ହୋଇଗଲି। ହେଲେ ପତ୍ନୀ ଏବଂ ପିଲା ଦୁହିଁଙ୍କ ମୁହଁରେ ହସ ଖେଳିଗଲା। ମୁଁ ନିର୍ବାକ। ସେ ନିଜେ ପତ୍ନୀଙ୍କ ସହ ପରାମର୍ଶ କରି ରୋଷେଇ ଘର ଭିତରେ ଜାଗାଟିଏ ଠିକ୍ କରି ଆକ୍ୱାଗାର୍ଡ ଇନଷ୍ଟଲ କରିବାକୁ ପିଲାଟିକୁ ନିର୍ଦ୍ଦେଶ ଦେଲେ। ପାଖରେ ଥିବା ତିନି ହଜାର ଟଙ୍କା ଏବଂ ଆଡଭାନ୍ସ ଡେଟ୍ ର ଚେକ୍ ଧରି ଫେରିଗଲେ ସୁରେନ୍ଦ୍ର ବାବୁ। ପଛରେ ସବୁ କାମ ସାରି ଫେରିଗଲା ପିଲାଟି।

କିଛି ସମୟ ପରେ ହସ ହସ ମୁହଁରେ ଦୃଶ୍ୟ ହେଉଥିବା ପୁଅ ଆକ୍ୱାଗାର୍ଡ ଲାଗିଥିବା ଜାଗା, ଡାଇନିଂ ଟେବୁଲ୍,ପଢାଘର ଇତ୍ୟାଦିକୁ ବ୍ୟତିବ୍ୟସ୍ତ ହୋଇ ଘୁରି ବୁଲୁଥିବାର ଦେଖିଲି । ସେ ତା'ର ହେଡଫୋନ ଟିକୁ ଖୋଜୁଛି ବୋଲି ଝିଅ ଠାରୁ ଶୁଣିଲି। ସମସ୍ତେ ଖୋଜି ବି ଶେଷରେ ନିରାଶ ହେଲୁ। ସେଇ ପିଲାଟି କେତେବେଳେ ସୁବିଧା ଦେଖି ଲୁଚାଇ ନେଇ ଯାଇଛି ବୋଲି ମୋର ଧାରଣା ହେଲା। ହେଲେ ସୁରେନ୍ଦ୍ର ବାବୁଙ୍କୁ ଏ ବିଷୟରେ ପଚାରିବାକୁ କୁଣ୍ଠାବୋଧ ହେଲା । ଆକ୍ୱାଗାର୍ଡ ଲାଗିବାର ତିନି ଦିନ ପରେ ଆକ୍ୱାଗାର୍ଡ ବିକ୍ରେତାଙ୍କ ଠାରୁ ଫୋନ୍ ଆସିଲା।-' ଆଜ୍ଞା ଆଜି ଆସୁଛନ୍ତି କି ? ଦୁଇ ହଜାର ପଠାଇଥିଲେ, ଆଉ ତିନି ହଜାର ଆଜି ଦେବାର କଥା ଥିଲା ପରା।' ସୁରେନ୍ଦ୍ର ବାବୁ ପୁରା ପାଞ୍ଚ ହଜାର ଟଙ୍କା ନେଇଛନ୍ତି ବୋଲି ସେ ଜାଣି ସେ କିଛି ସମୟ ନିରବ ରହିଲେ ଏବଂ ଫୋନ୍ କାଟିଦେଲେ ।ପରେ ଜାଣିଲି ସୁରେନ୍ଦ୍ର ବାବୁ ତାଙ୍କ କମିଶନ ବାବଦରେ ତିନିହଜାର ଟଙ୍କା ରଖି ବାକି ଦୁଇହଜାର ଡିପୋରେ ଦେଇଛନ୍ତି।

ସେଇ ଡିପୋ ଦେଇ ଥରେ ଯାଉଥିବା ବେଳେ ମୁଁ ଦେଖିଲି ସୁରେନ୍ଦ୍ର ବାବୁ ଜଣେ ଭଦ୍ରବ୍ୟକ୍ତି ଙ୍କୁ ସାଙ୍ଗରେ ନେଇ ଭିତରେ ବୁଲୁଛନ୍ତି। ଗାଡି ପାର୍କିଂ କରି ଭିତରକୁ ଉଙ୍କି ମାରି ଦେଖିଲି ସେ ଆକ୍ୱାଗାର୍ଡ ??ହିଁ ଦେଖାଉଛନ୍ତି। ସବୁ କଥା ବୁଝି ପାରିଲି। ଫେରିଲା ବେଳକୁ ହଠାତ୍ ନଜର ପଡିଲା ସୁରେନ୍ଦ୍ର ବାବୁଙ୍କ କାନରେ ହେଡଫୋନ୍ ଟିଏ ଗୁଞ୍ଜା ହୋଇଛି। ମୋର ମନେ ପଡିଲା ଯେଉଁଭଳି ହେଡଫୋନଟି ପୁଅର ହଜିଥିଲା, ଠିକ୍ ସେହିପରି ଲାଗୁଛି। କୌତୁହଳବଶତଃ ଭିତରକୁ ଗଲି। ମୋତେ ଦେଖୁ ଦେଖୁ ସୁରେନ୍ଦ୍ର ବାବୁଙ୍କ ମୁ ?ହଁ ଯେମିତି ପାଣ୍ଡୁର ବର୍ଣ୍ଣ ଧାରଣ କଲା ।ହେଡଫୋନଟିକୁ ଚଟାପଟ୍ ଗୋଟେଇ ନେଇ ପକେଟ୍ ରେ ରଖିଦେଲେ। ସେ ବିଷୟରେ ଆଉ କିଛି ପଚାରିବାକୁ କାହିଁକି କେଜାଣି ଇଛା ହେଲାନି। ଡିପୋ ମାଲିକଙ୍କୁ ଅନାବଶ୍ୟକ ଭାବରେ ଚେକ୍ ଡିପୋଜିଟ ର ତାରିଖ ବିଷୟରେ ପଚାରି ଫେରି ଆସିଲି...!!!!

କୁଞ୍ଜବିହାରୀ ଲେନ୍, କଟକ

## ଯନ୍ତ୍ରଣାର ଶୋଭାଯାତ୍ରା

*ସୁଧାକର ରାଉତ*



ନିଦାଘରେ ହୋଇ ଅସ୍ତବ୍ୟସ୍ତ
ଚାଲିଗଲ କେତେ ଦୂରେ
ଏଇ କ୍ଲାନ୍ତ ଅପରାହ୍ନେ ।
ଭାବିଥିଲ ଶ୍ରାବଣର ବାରିଧାରା
ବର୍ଷି ଶୀତଳତା
ଯନ୍ତ୍ରଣାର ଯୁଇ କୁ ଲିଭାଇ
ଭରିଦେବ ଅମାବାସ୍ୟା ରାତିରେବି
ପୁନେଇଁ କିରଣ ।
ମାତ୍ର ସାତସିଆଁ ତୁମର ସେ
ଖିଆଲି ମନଟା
ଜାଣିତ ନଥିଲା ।
ଶ୍ରାବଣର ଟୋପା ଟୋପା ବର୍ଷା
ଦାବାନଳ ହୋଇ
ଜଳାଇବ ମୋ ସ୍ମୃତିର ନଡା ଗଦାକୁ
ଅତି ସନ୍ତର୍ପଣେ ।
ତୁମ ଆକାଶେ ଜହ୍ନ ଉଇଁବଣି
?।ଳି ଅସୁମାରୀ
ସୁଖର ଜୋଛନା ।
ମୁଁ କିନ୍ତୁ ସବୁ ଯନ୍ତ୍ରଣା ନିଆଁକୁ
ମୋ ପକେଟରେ
ସାଇତିଛି ଖୁଚୁରା ପଇସା ପରି
ଏଡିବାକୁ ବଦନାମର
ମରୁଭୂମି ରେ
ନ ହେବାକୁ
ଆଉ ବାଟବଣା ।

ପ୍ରତାପ ନଗରୀ,କଟକ
ମୋ ୮୨୪୯୯୩୨୭୯୨

## ରାକ୍ଷୀରେ ରାକ୍ଷୀରେ ରାକ୍ଷୀ

*କବିରତ୍ନ ନୂତନ କୁମାର ବେହେରା*



ରାକ୍ଷୀରେ ରାକ୍ଷୀରେ ରାକ୍ଷୀ
ତୋତେ ବାନ୍ଧି ଦେବି
ମୋ ଭାଇ ହାତରେ
ରହିବୁ ତୁ ଚିର ସାକ୍ଷୀ,
ଭାଇ ଭଉଣୀ ଆମେ ଦୁହେଁ
ମାଆ ବାପାଙ୍କର ଦୁଇ ଆଖି।
ମୋ ଭାଇ ଦେଖାଏ
ଯେଉଁ ବାଟ ଚାଲେ ମୁଁ ଦେଖି,
ତାର ସେନେହ ମୋ ହୃଦ ଚନ୍ଦନ
ନିଏ ସରାଗରେ ମାଖି।
ରାକ୍ଷୀରେ ରାକ୍ଷୀରେ ରାକ୍ଷୀ
ମୋ ଭାଇ ମୋ ଉପରେ
ସଦା ଶୁଭଦୃଷ୍ଟି ଥାଏ ରଖି,
କଥା ତାର ସବୁ ମାନୁ ଥାଏ ମୁଁ
ତା ମନକୁ ପରଖି।
ଭାଇର ଇଚ୍ଛା ମୁଁ ବଡ଼ ହୁଏ
ଭଲ ହୁଏ ରୂପ ଗୁଣରେ
ଆଶାକୁ ତାର ରଖେ ଲେଖି,
ମୋ ଭାଇର ମୁଁ ଭାରି ଅଲିଅଳି
ସେ ମୋ ଯତନ ନିଏ
ମୋତେ ଦେଖିବାକୁ ସୁଖୀ।
ରାକ୍ଷୀରେ ରାକ୍ଷୀରେ ରାକ୍ଷୀ
ଭାଇ ମୋର ଭୁଲ୍ ଦେଖେ
ଅତି ପାଖରୁ ନିରେଖି,
ସୁଧୁରି ଯିବାକୁ ବଦଳେ ନିଜେ
ତା ଉପଦେଶକୁ ମାନେ ମୁଁ
ସବୁ ଟିକିନିଖି।
ମୋ ଭାଇ ହୃଦୟ ପଞ୍ଜୁରୀର
ମୁଁ ଏକ ସୁନା ପକ୍ଷୀ,
ଅତି ଗେଲରେ ମୋତେ ରଖିଛି
ଦିଏନା ହେବାକୁ ନିରିମାଖି।
ରାକ୍ଷୀରେ ରାକ୍ଷୀରେ ରାକ୍ଷୀ
ଆମ ଭାଇ ଭଉଣୀର
ପବିତ୍ର ସଂପର୍କ ଅମ୍ଳାନ ରଖି,
ଜୀବନର ଚଲା ପଥେ ପଥେ
ମୁଁ ଚାଲୁଥିବି ସଳଖି।
ମୋ ଭାଇ ମୋ ପାଇଁ
ଦେବଦୂତ ହୋଇ ଆସିଛି
ତା ନଜର ମୋ'ଠି ରହିଛି ଲାଖି,
ସେ ମୋ ରକ୍ଷା କବଚ ହୋଇ
ଯୁଗ ଯୁଗ ପାଇଁ ରହୁ
ପ୍ରାର୍ଥନା କରୁଛି
ଆଶିଷ ଦେବେ ଚକାଆଖି।
ରାକ୍ଷୀରେ ରାକ୍ଷୀରେ ରାକ୍ଷୀ...

ବାରିପଦା,ମୟୂରଭଞ୍ଜ

## ମରୀଚିକା

*ବାପିନି ସିଂ*



ମନମୁଗ୍ଧକର ପରିବେଶ ପ୍ରତି
ଯେବେ ବିମୋହିତ ହେଲି
ଦେଖାଗଲା ମୋତେ ଚାରିଆଡ଼ ? ଖାଲି
ତା ଛାଇ ରଙ୍ଗରଙ୍ଗେଲି ।

ସେ ଛାଇ ପାଖକୁ ଗଲା ବେଳକୁ ମୁଁ
କେହିତ ନାହାଁନ୍ତି ସେଠି
ସତେ ଯେମିତି ସେ ଡାକୁଥିଲା ମୋତେ
ହାତ ଠାରି ଏଠି ସେଠି ।

ଦୁଷ୍ଟାତ୍ମା ପରି ଚାହାଣୀଟିଏ ତାର
ଦେଖିଲେ ଲାଗଇ ଭୟ
ସେହି ଭୟ ଧରି ଏଠି ସେଠି ଗଲେ
ଲାଗିବ ବଡ଼ ନିର୍ଦ୍ଦୟ ।

ଯେବେ ମୁଁ ଶୁଣିଲି ଚଉଦିଗ ଠାରେ
କମ୍ପୁଛି ତାର ଚିତ୍କାର ।
ମାଆଙ୍କୁ ସ୍ମରିଲି ସେହି ସମୟରେ
ନଲାଗୁ ବୋଲି ମୋତେ ଡର ।

ଦୁଷ୍ଟଶକ୍ତି ପରି ଘୂରି ବୁଲୁଥାଏ
ଜାଣିହୁଏ ନାହିଁ ତାକୁ
ଗଛ ଆଢୁଆଳେ ଲୁଚି ରହି ସେ ତ
ବିଗାଡ଼ ? ଆମ ମଥାକୁ ।

ମରୀଚିକା ଏକ ଏପରି ଭାବନା
କରନା କେବେ ଗରବ
ଜ୍ଞାନୀଗୁଣୀ ବ୍ୟକ୍ତି କେବଳ ପାରିବେ
କରି ତାକୁ ଅବାସ୍ତବ ।

ଶୟନ କାଳରେ ଦେଖାଦିଏ ମୋତେ
ତାର ସେ କଳା ଗୁରୁଖା
ଛୁଇଁଲା ବେଳକୁ ଛୁଇଁ ହୁଏ ନାହିଁ
ଅଟଇ ସେ ମରୀଚିକା ।

*ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ଛାତ୍ର*
*ଫକୀରମୋହନ ବିଶ୍ୱବିଦ୍ୟାଳୟ ,*
*ବ୍ୟାସବିହାର ,ବାଲେଶ୍ୱର*
*ଦୂରଭାଷ : ୯୯୩୭୮୨୦୮୩୧*

## ମୋ ଠୁ ବହୁତ ଦୂରେ

*ରମାକାନ୍ତ ଦାସ*



ଦୂରେ ଦୂରେ ତମେ
ମୋ ଠୁ ବହୁତ ଦୂର
କେମିତି ଦେଖିବି ତୁମକୁ କୁହ ... ?

ତୁମ ସହ କଥା ନହେଲେ
ସହି ହୁଏନାହିଁ ମନର ବ୍ୟଥା
କିନ୍ତୁ କୋଉଠି ନା କୋଉଠି
ଏ ଆଖି ଚାହେଁ ତୁମକୁ ଦେଖିବାକୁ
ଅନାବନା ଏଇ ମନର ଭାବନା ସବୁକୁ
କେମିତି ଅବା କହିବି ତତେ ॥

ମୁଁ କେବେ ବୁଝିପାରେନି
ତୁମକୁ ନଦେଖିଲେ ଏମିତି ଲାଗେ
ଯେମିତି ତୁମକୁ ନେଇ ଦେଖିଥିବା
ସ୍ୱପ୍ନ ସବୁ କେବେ ସତ ହେବନି
ତୁମକୁ କେବେ ମୁଁ ପାଇପାରିବିନି
ଏମିତି ଅନେକ ପ୍ରଶ୍ନ ଉଙ୍କିମାରେ
ମନରେ ॥

କେମିତି ଅବା
ବୁଝେଇବି ତୁମକୁ
ରହିପାରେନାହିଁ ତୁମଠୁ ଦୂରରେ
ସେଥିପାଇଁ ବାହାନା ଖୋଜେ
ତୁମକୁ ଦେଖିବାକୁ ॥

*ନନ୍ଦିଗ୍ରାମ , ନାଉଗାଁ ,ଜଗତସିଂହପୁର*
*ମୋ-୯୬୬୮୮୧୫୩୬୯*

## ଆସ୍ଥାର ଦି ଟୋପା ଲୁହ

*ଡୁଇଟି ଡେଭିଡ ଫିଲିପ*



ମୁଁ କଲେ ହେଉଛି,
ମୁଁ ନକଲେ ବି ହେଉଛି,
ଆଉ କିଏ ଜଣେ ଅଛି,
କେହି ନାହିଁ ମୋ ପାଇଁ, ବେଳେ ବେଳେ
ଲାଗୁଛି,
ମୋ ପୂର୍ବରୁ ବି ହେଉଛି,
ମୋ ପାଇଁ ବି ପୂର୍ବରୁ ହୋଇଛି,
କିଏ ସେ ?

ଭଗବାନ, ଯୋହୋବା, ଆଲ୍ଲା,
ସିଂବୋଙ୍ଗା, ବୁରୁବୋଙ୍ଗା, ଚଲାମା,
ଇତ୍ୟାଦି ନା ସେ ପାଇଛି,

ନାଁ ସେ ମାଗିନି,
ନାନା ଭୂଗୋଳ, ନାନା ଜିଭ, ନାନା
ଅନୁଭୂତି ନାଁ ଦେଇଛି।

ଆସ୍ଥା, ବିଶ୍ୱାସ,
ଭରସା ତାକୁ କିଏ ନକରିଛି।

କେଉଁ ସ୍ଥାନରୁ ଆରମ୍ଭ ମଣିଷ, କିଏ
ଜାଣିଛି,
ଜଗତ ସାରା ବ୍ୟାପି ସାରିଛି,
କେଉଁଠି ଏକ ପ୍ରକାର, କେଉଁଠି ବିଭିନ୍ନ
ପ୍ରକାର,
ଭୁଗୋଳଟି ଭରି ଯାଇଛି,
ସ୍ଥାନ ବଦଳିବାକୁ,
ନ ବଦଳିବାକୁ କିଏ କହିଛି,
ମଣିଷ ଆଜି ବୁଲି ସାରିଛି,
ସେ ସ୍ୱାଧୀନତା ଆଜି ଚାପରେ ଅଛି,

ସମସ୍ତଙ୍କ ଆସ୍ଥା, ବିଶ୍ୱାସ, ଭରସା
ପ୍ରଶ୍ନର ଘେରରେ ବସିଛି।

ସମସ୍ତେ ନିଜ ଅନୁଭୂତି
କହି ସାରି ନାହାନ୍ତି,

ସ୍ୱାର୍ଥ୍ୟ ଓ ସ୍ୱାଧୀନତାର ଯୁଦ୍ଧ,
ମଣିଷ ହାରିଛି,
କହିବା ବାକି ଆଉବି ଅଛି।

ମୁଁ କଲେ ହେଉଛି,
ମୁଁ ନକଲେ ବି ହେଉଛି।

*ଆମା ଟୋଲା, ଚାଇବାଶା,*
*ଝାଡଖଣ୍ଡ*

## ଚାଷୀର ଦୁଃଖ କାହାଣୀ

*ସୁନୀଲ କୁମାର ପ୍ରଧାନ*



ଅନ୍ନଦାତା ନାମ ଅଟଇ ତାହାର
ଦେଶକୁ ଯୋଗାଏ ଅନ୍ନ
ସେପରା ଅଟଇ ଆମର ମୁଖିଆ
ରଖିଅଛି ସଦାମାନ ।
କେତେ କଷ୍ଟ ସହି ଚାଷୀ ଭାଇ ତାର
ବିଲରେ ଫଳାଏ ଧାନ
ସେହି ଅନ୍ନ ପରା ଜଗତ ହିତରେ
ଲାଗିଥାଏ ସବୁ ଦିନ ।
ସକାଳ ହୋଇଲେ ତାକୁ ଖୋଜାପଡେ
ନାମ ଅଟଇ ପଖାଳ
ଥରେ ମାତ୍ର ସିଏ ପେଟରେ ପଡିଲେ
ଶରୀରେ ଅସାଇ ବଳ ।
ଚାଷୀ ମୂଲ୍ୟ ପରା ଆମ ରାଇଜରେ
ସତେକି ଯାଇଛି ହଜି
ଦୁଃଖ କଷ୍ଟରେ ଜଳନ୍ତି ଚାଷୀଏ
କେଅବା ପାରଇ ବୁଝି ।
ଧାନ ବିକ୍ରି ପାଇଁ ଲାଗି ରହିଥାଏ
ମଣ୍ଡିର ବହୁ ସମସ୍ୟା
ଚାଷୀ ଭାଇ ତାର ସଠିକ୍ ମୂଲ୍ୟକୁ
ପାଇଥାଏ ନାନା ଆଖ୍ୟା ।
ଧାନ ବସ୍ତାଟିର ମୂଲ୍ୟ ପାଇଁ ଚାଷୀ
ନପାଏ ସଠିକ୍ ହାର
ନେତା ମନ୍ତ୍ରୀ ସତେ ଦାବି କରିଥାନ୍ତି
ବଢୁ ତାଙ୍କ ଦରମା ଦର ।
କାହାକୁ କହିବା କିଏବା ଶୁଣିବ
ଚାଷୀ ସମସ୍ୟାର ଦୁଃଖ
ଆମ ରାଇଜରେ ଚାଷୀ ପୁଣି ମରେ
ଜାଗ ଚାଷୀ ଭାଇ ଜାଗ ।

*ଝାଟିପଦର,ପାଲୁର,ଗଞ୍ଜାମ*
*ମୋ - ୭୬୦୯୯୩୪୩୬୬*

## ଉପହାସ

*ନିରଞ୍ଜନ ସାହୁ*



ଜୀବନେ କାହାକୁ କରିବାନି ଆମେ
କେବେହେଲେ ଉପହାସ
ଉପହାସ କରି ଆନେ ଦୁଃଖ ଭରି
ମାରିବାନି ଖଣ୍ଡିକାଶ ।

ବିଶ୍ୱନିଅନ୍ତାଙ୍କ ବିଚାର ଆଗରେ
ଯେ ଜନ ଯାଇଛି ହାରି
ତାହା ବୋଲି ତାକୁ ଉପହାସ କରି
ଦେବାନି ତା ମନମାରି
କିଏ କହିପାରେ କାଲି ଯେ ଆମର
ହେବ ନାହିଁ ସର୍ବନାଶ ???

ଆଜି ଯିଏ ଅଛି ରାଜେନ୍ଦ୍ରଆସନେ
ଦାଣ୍ଡରେ ଭିକାରୀ କାଲି
ମିଛଟାରେ ଅହମିକାକୁ ଦେଖାଇ
କର ସିନା ଆଖି ନାଲି
ସବୁଠାରୁ ଭଲ ସଭିଙ୍କ ଆଗରେ
ମଧୁର ବଚନ ଭାଷ ।

ଉପହାସ ଅଟେ ଖରାପ ଅଭ୍ୟାସ
ଏହାକୁ ଦୂରେଇ ଦେବା
ସହଯୋଗ ହାତ ବଢ଼ାଇ ଅନ୍ୟକୁ
ନିଶ୍ଚୟ ଆଗକୁ ନେବା
ଦେଖିବ ତ ଦିନେ ଚୌଦିଗେ କିପରି
ଛୁଟିବ ସମ୍ପର୍କ ବାସ ।

*ନିହଲ ପ୍ରସାଦ , ଗଁଦିଆ ପାଟଣା*
*ଢେଙ୍କାନାଳ ୭୫୯୦୧୬*
*ମୋ :-୯୯୩୮୭୪୧୫୮୩*

## ମାନବତାର ଅବତାର

*ଲୋକନାଥ ମହାପାତ୍ର*



ହେ ଗୋପବନ୍ଧୁ !
ତୁମେ ଥିଲ କରୁଣାର ସିନ୍ଧୁ
ଦୁଃଖ-ଦୈନ୍ୟତାର କରାଳ କାଳରେ
ସିଞ୍ଚି ଦେଇଥିଲ ଅମୃତ ବିନ୍ଦୁ
ଏକୋଇର ବଳା ରୁଗ୍ଣ ପୁତ୍ରକୁ
ପତ୍ନୀ ହସ୍ତେ ଦେଇ
ତୁମେ ଚାଲିଥିଲ ଶତ ପୁତ୍ରର
ମହତ୍ ଦାୟିତ୍ୱ ନେଇ
ତୁମର ସେ ଆଦର୍ଶ
ହୋଇଛି ଆଜି ଅବଲୁପ୍ତ
କିଏ ବା ଶୁଣୁଛି ଆଜି
ଦୀନ-ଦୁଃଖିଙ୍କ ଆର୍ତ୍ତନାଦ
ତେଣୁ ହେ ଗୋପବନ୍ଧୁ !
ଆବିର୍ଭୂତ ହୋଇ ପୁଣି ଥରେ
ମାନବ ଧର୍ମର ଧ୍ୱଜା
ଉଡ଼ାଅ ବିଶ୍ୱରେ ।

ବ୍ରହ୍ମପୁର

## ପ୍ରୀତି ପ୍ରଣୟ

*ଯୁଧିଷ୍ଠିର କୁଅଁର*



ଆସ ହେ ପ୍ରେୟସୀ ପ୍ରୀତି ମଧୁମାସୀ
ଋତୁମତୀ ଋତମ୍ଭରା।
ପ୍ରଣୟେ ହଜାଇ ତନୁ ମନ ପ୍ରାଣ
ଶ୍ରାବଣେ ଭିଜାଅ ଧରା॥୮॥
ପ୍ରିୟାର ଅଧରେ ପ୍ରୀତିର ପ୍ଳାବନ
ନୟନେ ନୀରଦ ମେଳି।
ଚିବୁକେ ଚହଟେ ଚପଳା ଚମକ
ମାନସ ମନାସେ କେଳି॥୯॥
ପଲ୍ଲବେ ପ୍ରତୀତ ପ୍ରେୟସୀ ପ୍ରତିମା
କୁସୁମେ କାମିନୀ ହସ।
ମାନସ ମଧୁପ ସୌରଭେ ଉନ୍ମୁଖ
ପ୍ରେମସିକ୍ତ ତନୁ ବାସା॥୧୦॥

*ଉଗରପଡା, ବାଲେଶ୍ୱର।*
*୯୦୪୦୬୩୨୧୯୪*




# ନାଉପାଳ ପ୍ରାଥମିକ ବିଦ୍ୟାଳୟରେ ବୃକ୍ଷରୋପଣ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ସମ୍ବାଦ ସାହିତ୍ୟ ଘର ଓ ଚଣ୍ଡିଖୋଲ ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଚୋରମୁହାଁ ପଞ୍ଚାୟତ ନାଉପାଳ(ଖ) ପ୍ରାଥମିକ ବିଦ୍ୟାଳୟ ପରିସର ଏବଂ ନିକଟସ୍ଥ ପଡ଼ିଆରେ ବୃକ୍ଷରୋପଣ କରାଯାଇଛି । ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଂପାଦକ ଅନୀଲ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବାଦ ସାହିତ୍ୟ ଘର ସଭାପତି ମନୋରଂଜନ ମହାନ୍ତି, ଉପସଭାପତି କାହ୍ନୁ ଚରଣ ଦାଶ, ସଂପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ପୂର୍ବତନ ସଂପାଦକ ଅଖିଳ କୁମାର ସ୍ୱାଇଁ, ସହସଂପାଦକ ଦେବବ୍ରତ ରାଉତ, ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ, ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ତ୍ରିପାଠୀ, ୟୁଜିପିଏଲ୍ଏନ୍ ହାଇସ୍କୁଲ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର, ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ, ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମହିଳା ସଂଯୋଜିକା ସରୋଜିନୀ ପଣ୍ଡା, ସ୍ୱେଚ୍ଛାସେବୀ ଲିଜା ମହାନ୍ତି, ସିଏଚ୍ ଜୟନ୍ତୀ ରାଓ, ମାନସୀ ମଲିକ, ଜ୍ଞାନରଂଜନ ଦାଶ, ଦେବାଶିଷ ପଣ୍ଡା, ଚିତରଂଜନ ରାୟ, ସୌମ୍ୟରଂଜନ ଦାସ, ହିମାଂଶୁ ରଂଜନ ମଲିକ, ଜ୍ଞାନେଶ୍ୱର ଦାସ, ସାହିତ୍ୟ ଘର ସଦସ୍ୟ ଦେବେନ୍ଦ୍ର ପଟ୍ଟନାୟକ ଓ ସୌଭାଗ୍ୟ ରାଉତ ଯୋଗଦେଇ ୧୦୦ଟି ବିଭିନ୍ନ ଫୁଲ, ଫଳ ଏବଂ ଔଷଧୀୟ ଚାରାରୋପଣ କରିଥିଲେ । ଏହି ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବୃକ୍ଷରୋପଣର ଆବଶ୍ୟକତା ସଂପର୍କରେ ସଂକ୍ଷିପ୍ତ ବାର୍ତ୍ତା ଦିଆଯାଇଥିଲା । ଚାରାରୋପଣ ପରେ ଏହାର ରକ୍ଷଣାବେକ୍ଷଣ ଓ ସୁରକ୍ଷା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ପଣ୍ଡା, ଶିକ୍ଷୟିତ୍ରୀ ମନୋରମା ମହାନ୍ତି, ଅଙ୍ଗନବାଡ଼ି କର୍ମୀ ରାଜଶ୍ରୀ ବିଶ୍ୱାଳ, ସହାୟିକା କାଂଚନ ବିଶ୍ୱାଳ, ଗୋକର୍ଣ୍ଣିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ତାପସ ରଂଜନ ନାୟକ, ଉପସଭାପତି କାହ୍ନୁ ଚରଣ ଦାଶ, କୋଷାଧ୍ୟକ୍ଷ ବିଜୟ କୁମାର ନାୟକ ଓ ସମ୍ବାଦ ପ୍ରତିନିଧି ସୀତାକାନ୍ତ ସାମଲ ଏଥିରେ ସହଯୋଗ କରିଥିଲେ ।

## ସମାଜସେବୀଙ୍କ ହୃଦ୍‌ଘାତରେ ପରଲୋକ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଭବାନୀପୁର ପଞ୍ଚାୟତ ମଣିନାଥପୁର ଗ୍ରାମର ସମାଜସେବୀ ବିପିନ୍ ମଲିକ(୫୧)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ସ୍ୱର୍ଗତଃ ମଲିକ ଜଣେ ଭଲ ଡ୍ରାଇଭର ଥିଲେ । ବିୟୋଗ ଖବର ପାଇ ବିଜେଡ଼ି ନେତା ଶରତ ଚନ୍ଦ୍ର ନାୟକ, ଅକ୍ଷୟ ମହାନ୍ତି, ଉମାକାନ୍ତ ମୁଦୁଲି, କଂଗ୍ରେସ ଯୁବନେତା ଉଗ୍ରସେନ ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ । ପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ଝିଅ ମୁଖାଗ୍ନି ଦେଇଥିଲେ ।

# ପ୍ରତାପନଗରୀ ଉପଖଣ୍ଡ ପାଣି ପଞ୍ଚାୟତ ବୈଠକ

ଫୁଲନଖରା, (ସବ୍ୟୁ)-ଭୁବନେଶ୍ୱର ପ୍ରାଚୀ ଡିଭିଜନ ଅଧିନ ପ୍ରତାପନଗରୀ ଜଳ ସମ୍ପଦ ଉପଖଣ୍ଡ ପାଣି ପଞ୍ଚାୟତମାନଙ୍କ ବୈଠକ କୁରାଙ୍ଗ ଶାସନସ୍ଥ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ଅଜୟକୁମାର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ; ପ୍ରାଚୀ ଡିଭିଜନ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରତାପକୁମାର ଚୌଧୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଲଳିତକୁମାର



ଦାଶ, ବଂଶୀଧର ଭୋଳ, ସନାତନ ପରିଜା, ଗଗନବିହାରୀ ଜେନା ପ୍ରମୁଖ କର୍ମକର୍ତ୍ତାମାନେ କେନାଲ ସଫେଇ ବିଷୟରେ ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିଥିଲେ । କେନାଲ ସଫେଇ ବାବଦ ୨୦୨୧ମସିହାର ବକେୟା ପ୍ରାପ୍ୟ ଖୁବ ଶୀଘ୍ର ପାଣି ପଞ୍ଚାୟତକୁ ପ୍ରଦାନ କରାଯିବ ବୋଲି ଇଂ.ଚୌଧୁରୀ ପ୍ରତିଶ୍ରୁତି ଦେଇଥିଲେ । ଏତଦ ସହିତ ଚଳିତ ଖରିଫ ଚାଷ ପାଇଁ କେନାଲ ଶଯ୍ୟା ସଫେଇ ନିମେ‘ ସମ୍ପୃକ୍ତ ପାଣି ପଞ୍ଚାୟତ କର୍ମକର୍ତ୍ତାଙ୍କୁ ଅନୁରୋଧ କରିଥିଲେ । ଇଂ. ରିଙ୍କି ପଟ୍ଟନାୟକ, ଇଂ. ପ୍ରସନ୍ନକୁମାର ନାୟକ, ଇଂ. କମଳଲୋଚନ ପ୍ରଧାନ ପ୍ରମୁଖ ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ପ୍ରତାପଚନ୍ଦ୍ର ପଣ୍ଡା, ଅଶୋକ ଦାସ, ଲଲାଟକିଶୋର ସ୍ୱାଇଁ, ପ୍ରସନଜିତ ମହାନ୍ତି, ଅନିଲ ମହାପାତ୍ର ପ୍ରମୁଖ ଚାଷୀଙ୍କ ସମସ୍ୟା ଓ କେନାଲ ଅବସ୍ଥା ସମ୍ପର୍କରେ ଅଧିକାରୀଙ୍କୁ ଅବଗତ କରାଇବା ସହିତ ଏହାର ସମାଧାନ ପାଇଁ ପ୍ରସ୍ତାବ ଆଗତ କରିଥିଲେ । ଏହି ଅବସରରେ ବିଲରେ କେନାଲ ପାଣି ମାଡୁନଥିବା ଚାଷୀଙ୍କୁ ଜଳକର ଛାଡ଼ କରିବାକୁ ନିର୍ବାହୀ ଯନ୍ତ୍ରୀ ଘୋଷଣା କରିଥିଲେ । ପ୍ରଶାନ୍ତ ମହାନ୍ତି, ସନ୍ତୋଷ ପାତ୍ର, ରମେଶଚନ୍ଦ୍ର ସ୍ୱାଇଁ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଇଂ. କମଳଲୋଚନ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

# ‘ପ୍ରେମ ଲେଖିଦେଲି ତୋ ନାଁରେ’ର ଶୁଭ ମହୁରତ



ଖୋର୍ଦ୍ଧା (ପିଏନ୍)-‘ପ୍ରେମ ଲେଖିଦେଲି ତୋ ନାଁରେ’ର ଶୁଭ ମହୁରତ ଅନୁଷ୍ଠିତ ହୋଇଯାଇଛି । ଆର୍ଯ୍ୟ ପ୍ୟାଲେସଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ କଳାକାର ଯୋଗଦେଇଥିଲେ । ଏହାର ଶୁଭ ମହୁରତ ହେବା ସହ ଅଗଷ୍ଟ ପ୍ରଥମ ସପ୍ତାହରୁ ସୁଟିଂ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ସୂଚନା ଦେଇଛି । ଏଥିରେ ନୂଆ ଯୋଡ଼ି ଭାବେ ପ୍ରେମ, ସୁସ୍ମିତା ନଜର ଆସିବେ । ଏମାନଙ୍କ ସହ ପୂଜା, ଆଶୁତୋଷ, ରବି ମିଶ୍ର, ଦେବଦତ, ତପସ୍ୱିନୀ ପ୍ରମୁଖ ଅଭିନୟ କରିଛନ୍ତି । ସତ୍ୟ ନାରାୟଣ ସାହୁ ସିନେମାରେ ନୂଆ କରି ନିର୍ଦ୍ଦେଶନା ଦେଇଥିବାବେଳେ ଟୁଟୁ ନାୟକ ନୂଆକରି ପ୍ରଯୋଜନା ଭାର ତୁଲାଇଛନ୍ତି । ସେହିପରି ନନ୍ଦିନୀ ଆଇ ଲଭ ୟୁ, ମିତରେ ମିତ ଭଳି ଅନେକ ସୁପର ହିଟ୍ ଚଳଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ପ୍ରଶାନ୍ତ ପାଢୀ ଏହି ସିନେମାରେ ସଙ୍ଗୀତ ସଜାଇଛନ୍ତି । ଓଲିଉଡ଼ର ସୁପରହିଟ୍ ଯୋଡ଼ି ବିନି ପଟ୍ଟନାୟକ ଓ ସଚ୍ଚିକାନ୍ତ ଜେନା ଏହି ସିନେମାରେ ପ୍ରଯୋଜନା ଦାୟିତ୍ୱ ନେଇଛନ୍ତି । ଏଥର ପୂର୍ବରୁ ସୁନ୍ଦରଗଡ଼ର ସଲମାନ ଖାଁ, ଝିଅଟା ବିଗିଡ଼ି ଗଲା ଓ ବଜରଙ୍ଗି ଭଳି ଅନେକ ସୁପରହିଟ୍ ଚଳଚିତ୍ର ମୁନ୍ ଟିଭି ମୁଭିଜ୍ ଓଡ଼ିଶାର ଦର୍ଶକମାନଙ୍କୁ ଭେଟି ଦେଇ ସାରିଛି । ଲୁବୁନ୍ ଟୁବୁନ୍ କୋରିଓ ଗ୍ରାଫି କରୁଥିବା ବେଳେ ପ୍ରଣୟ ଜେଠି କ୍ରିଏଟିଭ୍ ହେଡ଼ ରହିଛନ୍ତି । ଏହି କାର୍ଯ୍ୟକ୍ରମରେ ସମାଜସେବୀ ଶଶି କୁମାର ସାହୁ ମହୁରତ କ୍ଲାପ ଦେଇଥିଲେ । ତାଙ୍କ ସହ ପ୍ରଯୋଜକ ଟୁଟୁ ନାୟକ, ଅତିଶ କୁମାର ରାଉତ, ରମେଶ ବାରିକ, ଶ୍ରୀଧର ମାର୍ଥା, ସଂଳାପକାର ଡ଼. ରଜନୀ ରଂଜନ ଓ ନିର୍ଦ୍ଦେଶକ ଅବତାର ସିଂ ପ୍ରମୁଖ ଯୋଗଦେଇଥିଲେ ।

# ଅଗ୍ନିପଥ ସେନା ନିଯୁକ୍ତି ଯୋଜନା ପାଇଁ ସଚେତନତା ଅଭିଯାନ

ପାରାଦୀପ (ପିଏନ୍)- ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ଏବଂ ଭାରତୀୟ ସେନା ପକ୍ଷରୁ ଅଗ୍ନିପଥ ଯୋଜନାରେ ସାମିଲ ହେବା ନିମନ୍ତେ ଏକ ସଚେତନତା ଅଭିଯାନ ପାରାଦୀପ ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା । ସେନା ନିଯୁକ୍ତି କଟକ ଶାଖାର ନିର୍ଦ୍ଦେଶକ କର୍ଣ୍ଣେଲ ହମିନ୍ଦର ସିଂ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଯୁବକମାନଙ୍କୁ ଉତ୍ସାହିତ କରିବା ଏବଂ ଅଗ୍ନିପଥ ଯୋଜନା ମାଧ୍ୟମରେ ଭାରତୀୟ ସେନାରେ ସାମିଲ ହେବା ପ୍ରକ୍ରିୟା ଏବଂ ଯୋଗଦେବା ପରେ ମିଳିବାକୁ ଥିବା ସୁବିଧା ସମ୍ପର୍କରେ ଜଣାଇବା ଏହି ଅଭିଯାନର ମୂଳ ଲକ୍ଷ୍ୟ । ଏହି ସଚେତନତା ଅଭିଯାନରେ ଏନସିସି, ଏନଏସଏସ୍ ଓ ୟୁଥ ରେଡକ୍ରସ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ବହୁସଂଖ୍ୟାରେ ଯୋଗ ଦେଇଥିଲେ । ଏହି ଶିବିରରେ ଯୋଗଦେଇଥିବା ଶିବିରାର୍ଥୀମାନଙ୍କୁ ଅଗ୍ନିବୀର ଏବଂ ଭାରତୀୟ ସେନାରେ କ୍ୟାରିୟର ସୁଯୋଗ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧକ୍ଷା ଡଃ. ସସ୍ମିତା ଶତପଥୀ, ଏନସିସି ଅଧିକାରୀ ଅକ୍ଷୟ ଚନ୍ଦ୍ର ମିଶ୍ର, ଏନଏସଏସ୍ ଓ ୟୁଥ ରେଡକ୍ରସର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ଅଧ୍ୟାପକ ଗଣେଶ୍ୱର ପାତ୍ର ।

# ଟ୍ରକ ଧକ୍କାରେ ମା’ଝିଅଙ୍କ ମୃତ୍ୟୁ ଘଟଣା ଦୁର୍ଘଟଣା ନୁହେଁ ଯୋଜନାବଦ୍ଧ ହତ୍ୟାକାଣ୍ଡ, ଡ୍ରାଇଭର ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ବରଡା ଛକରେ ଗତକାଲି ଟିପର ଧକ୍କାରେ ମାଆ ଝିଅଙ୍କ ମୃତ୍ୟୁ ଘଟଣା ଭିନ୍ନ ମୋଡ ନେଇଛି । ଡ୍ରାଇଭର ଜାଣତରେ ଟିପର ଗାଡି ଚଢ଼ାଇ ମଆ ଝିଅକୁ ହତ୍ୟା କରିଥିବା ଜଣାପଡିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ଡ୍ରାଇଭରକୁ ଗିରଫ କରି ତଦନ୍ତ ଚଳାଇଛି । ସୂଚନା ମୁତାବକ ସୁକିନ୍ଦା ଅଂଚଳର ଅଶୋକ ଚକ୍ରବର୍ତ୍ତିଙ୍କ ପତ୍ନୀ ଶ୍ରୀତିକା ଚକ୍ରବର୍ତି ଓ ତାଙ୍କ ଝିଅ ଲିପିକା ଚକ୍ରବର୍ତି ତାଙ୍କ ଶ୍ୱଶୁରଙ୍କ ଶୁଦ୍ଧିକ୍ରୟା ସାରି ଗତକାଲି ଅପରାହ୍ନରେ ଏକ ଓଡି-୦୬-ଜି-୭୯୨୯ ସ୍କୁଟରରେ ଘରକୁ ଫେରୁଥିବା ବେଳେ ପଛରୁ ଆସୁଥିବା ଓଆର-୬୪୦୮ ଟିପର ଡ୍ରାଇଭର ଏହି ଦୁର୍ଘଟଣା ଘଟାଇଥିଲା । ତେବେ ଦୁର୍ଘଟଣା ପୂର୍ବରୁ ଡ୍ରାଇଭର ଓ ମାଆ ଝିଅଙ୍କ ମଧ୍ୟରେ ବଚସା ହୋଇଥିବା ନେଇ ଜେନାପୁର ଥାନା ଅଧିକାରୀ ଖବର ପାଇ ଆରୁହା ଛକରେ ପହଁଚି



ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସବୁ ଶୁଣିଥିଲେ । ଗତକାଲି ଅପରାହ୍ନ ପ୍ରାୟ ସାଢ଼େ ପାଂଚଟା ସମୟରେ ଆରୁହା ଛକ ନିକଟରେ ୨ ଜଣ ମହିଳା ଓ ଏକ ଟ୍ରକ ଡ୍ରାଇଭରଙ୍କ ମଧ୍ୟରେ ବଚସା ଚାଲିଥିବା ସ୍ଥାନୀୟ ଲୋକେ ଦେଖି ସେଠାରେ ପହଁଚିଥିଲେ । ତେବେ କ’ଣ ପାଇଁ ଏହି ବଚସା ଚାଲିଛି ବୋଲି ପଚାରିବାରୁ ଉଭୟ ମାଆ ଝିଅ ସ୍କୁଟରରେ ଆସୁଥିବା ବେଳେ ଟ୍ରକ ଡ୍ରାଇଭର ତାଙ୍କୁ ସାଇଡ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା ବୋଲି ପ୍ରକାଶ କରିଥିଲେ । ଯାହାକୁ ନେଇ ମାଆ ଝିଅ ଆରୁହା ଛକରେ ଟ୍ରକକୁ ଅଟକାଇ ଡ୍ରାଇଭରକୁ ପଚାରିବାରୁ



ଡ୍ରାଇଭର ତାଙ୍କୁ ଗାଳିଗୁଲଜ କରିଥିଲା । ସ୍ଥାନୀୟ ଲୋକେ ଏହି ଘଟଣାର ଆପୋଷ ସମାଧାନ କରି ମାଆଝିଅଙ୍କୁ ବିଦା କରିଦେଇଥିଲେ । ଏହାର କିଛି ସମୟ ପରେ ଟ୍ରକ ଡ୍ରାଇଭର ଟ୍ରକ ନେଇ ସେହି ରାସ୍ତାରେ ଯାଇଥିଲା । ମାତ୍ର ୧୫ରୁ ୨୦ ମିନିଟ ପରେ ସେମାନଙ୍କୁ ବରଡା ଛକରେ ଦେଖି ଗାଡି ଚଢ଼ାଇ ଦେଇଥିଲା । ଫଳରେ ଘଟଣାସ୍ଥଳରେ ମାଆ ଝିଅଙ୍କ ମୃତ୍ୟୁ ଘଟିଥିଲା । ଡ୍ରାଇଭର ଜଣକ ଜାଣିଶୁଣି ଗାଡି ଚଢ଼ାଇ ହତ୍ୟା କରି ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରିଥିଲା । ହେଲେ ଥାନା ଅଧିକାରୀ ଅତି ଚତୁରତାର ସହ ଏହି ଘଟଣାର ତଦନ୍ତ କରି ଏହି ଥାନା ଅନ୍ତର୍ଗତ ତୋଟାକଣ ଗ୍ରାମର ଟ୍ରକ ଡ୍ରାଇଭର ଅମର ସ୍ୱାଇଁଙ୍କୁ ଗିରଫ କରିଥିଲେ । ତେବେ ପୂର୍ବରୁ ଅପମୃତ୍ୟୁ ମାମଲା କରାଯାଇଥିବାବେଳେ ସମସ୍ତ ବିଷୟ ଅବଗତ ହେବାପରେ ଜେନାପୁର ଥାନା ପୁଲିସ ୩୦୨ ଦଫାରେ ୨୦୭/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଅନ୍ୟପଟେ ଆଜି ବଡଚଣା ଡାକ୍ତରଖାନାରେ ଉଭୟ ମାଆ ଝିଅଙ୍କ ଶବ ବ୍ୟବଚ୍ଛେଦ କରାଯାଇ ନିଜ ଗ୍ରାମ ସୁକିନ୍ଦାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ଜଣାପଡିଛି ।

# ମଦ ଦୋକାନ ବିରୁଦ୍ଧରେ ତାତିଲେ ଜନତା



ଫୁଲନଖରା (ପିଏନ୍)-ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋଠାରେ ଥିବା ମଦ ଦୋକାନ ଉଚ୍ଛେଦ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଏହି ସରକାରୀ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନରେ ଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ କରି ଲୋକମାନେ ଏପରି ପ୍ରତିବାଦ ଜଣାଇଛନ୍ତି । ଫୁଲନଖରା-ନିଆଳି ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଏହି ଦୋକାନ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ମଦ୍ୟପଙ୍କ ସଂଖ୍ୟା ବୃଦ୍ଧି ପାଉଛି । ନିକଟରେ ଥିବା ସ୍କୁଲ, କଲେଜ ଓ ଧର୍ମାନୁଷ୍ଠାନ ଉପରେ ଏହାର କୁପ୍ରଭାବ ପଡୁଥିବା ଅଭିଯୋଗ ହେଉଛି । ତେବେ ଏହି ଦୋକାନର ମାଲିକଙ୍କ ନାମରେ ନରାଜଠାରେ ଥିବା ଏକ ଦେଶୀ ମଦ ଦୋକାନକୁ ଏଠାକୁ ସ୍ଥାନାନ୍ତର କରିବା ନେଇ ହେଉଥିବା ଉଦ୍ୟମକୁ ସ୍ଥାନୀୟ ଜନତା ଓ ଜନପ୍ରତିନିଧିମାନେ ଘୋର ବିରୋଧ କରିଛନ୍ତି । ଏ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେମାନେ ଏହାର ବିରୋଧ କରିବା ସହିତ ଦାବି କାର୍ଯ୍ୟକାରୀ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବାକୁ ଚେତାବନୀ ଦିଆଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ବାରଙ୍ଗ ବ୍ଲକ ଅନ୍ତର୍ଗତ ନରାଜଠାରେ ଥିବା ଏକ ଦେଶୀ ମଦ ଦୋକାନକୁ ବ୍ରାହ୍ମଣଝରିଲୋ ସ୍ଥାନାନ୍ତର ପାଇଁ ଉଦ୍ୟମ ହେଉଛି । ଏହା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ଏଠାରେ ଥିବା ଏକ ବିଦେଶୀ ମଦ ଦୋକାନରେ ଦେଶୀ ମଦ ବିକ୍ରି ହେଉଥିବାରୁ ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି । ମଦ୍ୟପମାନେ ନିଶାସକ୍ତ ହୋଇ ରାସ୍ତା କଡ଼ରେ ପଡ଼ିବା ସହିତ ନାନାଦି ପ୍ରକାର ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ଏହାର ପ୍ରତିବାଦ କରି ଜନପ୍ରତିନିଧି ଓ ସ୍ଥାନୀୟ ଲୋକେ ଜିଲାପାଳଙ୍କ ସମେତ ଜିଲା ଅବକାରୀ ଅଧିକ୍ଷକ, ବାରଙ୍ଗ ତହସିଲଦାର, ଜିଲା ଏସପି ଏବଂ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଲିଖିତ ଦାବି ଜଣାଇଛନ୍ତି । ଅନୁଷ୍ଠିତ ଏହି ପ୍ରେସମିଟରେ କୁରାଙ୍ଗପ୍ରଧାନ ପଞ୍ଚାୟତ ସରପଞ୍ଚ ସୁରେଶକୁମାର ଭୋଇ, ବାରଙ୍ଗ ବ୍ଲକ ଉପାଧକ୍ଷା ବିରାଜିନୀ ମଲିକ, ବିଶ୍ୱରଂଜନ ସାହୁ, ମହମ୍ମଦ ନୁର, ବିଘ୍ନେଶ୍ୱର ତରାଇ, ପଞ୍ଚାୟତ ମହିଳା ଗୋଷ୍ଠୀ ସଭାନେତ୍ରୀ ବୁଲି ଭୋଇ, ପିଣ୍ଟୁ ବେହେରା, ହେମନ୍ତ ଓଝା, ମନୋଜ ତରାଇ, ଭରତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଭରତପୁର ଶ୍ରୀଗୋପାଳଜୀୟୁଙ୍କ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଶ୍ରୀଗୋପାଳଜୀୟୁଙ୍କ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ଶ୍ରୀଜୀୟୁଙ୍କ ମନ୍ଦିର ପରିସରରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଶ୍ରୀଜୀୟୁଙ୍କ ମନ୍ଦିରରେ ପ୍ରାତଃରେ କଳସ ସ୍ଥାପନ କରାଯିବା ପରେ ଅଙ୍କୁରରୋପଣ, ସୂର୍ଯ୍ୟପୂଜା, ମହାସ୍ନାନ, ହୋମଯଜ୍ଞ, ଗୀତାଯଜ୍ଞ ସହିତ ଷୋଡଶ ଉପଚାରରେ ପୂଜା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନ ଅଧିକାରୀ ପ୍ରବୋଧ କୁମାର ଦାସ ଏବଂ ଗୀତାଞ୍ଜଳି ଦାସ କର୍ତ୍ତା ଓ କର୍ତ୍ତ୍ରୀ ଭାବରେ କାର୍ଯ୍ୟ ନିର୍ବାହ କରିଥିଲେ । ସୁଘୋଷ କୁମାର ଦାସ, ବିଜୟ କିଶୋର ଦାସ, ସଞ୍ଜୟ କୁମାର ଦାସ, ସନ୍ତୋଷ କୁମାର ଦାସ, ରାଜାରାମ ଦାସ, ଗୌରଗୋପାଳ ଦାସ, ବ୍ରଜଗୋପାଳ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗ୍ରାମର ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଦାଶ, ଅଧିକାରୀ ରସାନନ୍ଦ ଦାଶ, ସରୋଜକାନ୍ତ ପତି, ଆକୁଳାନନ୍ଦ ବେହେରା, ଶ୍ରୀଚରଣ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଧର୍ମଶାଳା(ପିଏନ୍): ଧର୍ମଶାଳା ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ଗ୍ରାମର ଜଣେ ବୃଦ୍ଧ ନିକଟସ୍ଥ ବ୍ରାହ୍ମଣୀ ନଦୀରେ ଗାଧୋଉଥିବା ବେଳେ ପାଣିରେ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି । ମୃତକ କବାଟବନ୍ଧ ଗ୍ରାମର ଅର୍ଜୁନ ପଲେଇ (୫୪) ବୋଲି ଜଣାପଡିଛି । ସେ ଘରକାମ ସାରି ଦିନ ପ୍ରାୟ ୨ଟା ସମୟରେ ନିକଟସ୍ଥ ବ୍ରାହ୍ମଣୀ ନଦୀରେ ଗାଧୋଉଥିବା ବେଳେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଖୋଜାଖୋଜି କରି ପାଇନଥିଲେ । ପରେ ଏନେଇ ସେମାନେ ଧର୍ମଶାଳା ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ଅଗ୍ନିଶମ ବାହିନୀର କର୍ମଚାରୀ ସେଠାରେ ପହଁଚି ନଦୀରେ ଖୋଜାଖୋଜି କରିବା ପରେ ମୁମୂର୍ଷୁ ଅବସ୍ଥାରେ ଅର୍ଜୁନଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଜେନାପୁର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

# ପାରାଦୀପ ସହରାଂଚଳର ବିଭିନ୍ନ ବିଦ୍ୟାଳୟର ଉନ୍ନତିକରଣରେ ଜେଏସ୍‌ଡବ୍ଲ୍ୟୁର ସହଯୋଗ



ପାରାଦୀପ (ପିଏନ୍)- ପାରାଦୀପ ସହରାଂଚଳର ବିଭିନ୍ନ ବିଦ୍ୟାଳୟର ଉନ୍ନତିକରଣ ଯୋଜନାରେ ସାମିଲ ହୋଇଛି ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ । ଚଳିତ ବର୍ଷ ମେ ଓ ଜୁନ୍ ମାସରେ ଫାଉଣ୍ଡେସନ୍ ଭିତରଗଡ ଠାରେ ଥିବା ଘନଗଳିଆ ୟୁପି ସ୍କୁଲ୍‌ରେ ସପ୍ତମ, ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ବେଂଚ, ଡେସ୍କ ପ୍ରଦାନ କରାଯିବା ସହିତ ବିଦ୍ୟାଳୟରେ ଥିବା ରୋଷେଇ ଘର ଓ ଡାଇନିଂ ହଲ୍‌ର ଉନ୍ନତିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି । ତତ୍‌ସହିତ ପାରାଦୀପ ବଙ୍ଗାଳିପଡା ଠାରେ ଥିବା ପ୍ରାଥମିକ ବିଦ୍ୟାଳୟରେ ନିୟମିତ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ପାଇଁ ଏକ ଉଚ୍ଚ ପାଣି ଟାଙ୍କି ନିର୍ମାଣ କରାଯାଇଛି । ସେହିପରି ପାରାଦୀପ ଉପକଣ୍ଠ ଷଣ୍ଢକୁଦ ନୋଳିଆ ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପଂଚମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ ବେଂଚ, ଡେସ୍କ ପ୍ରଦାନ କରିଛି ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ । ଏହାଦ୍ୱାରା ଏହି ତିନିଗୋଟି ବିଦ୍ୟାଳୟର ମୋଟ ୬୬୪ ଜଣ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି । ପୂର୍ବରୁ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଢିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ ପଂଚାୟତର ୧୫ ଗୋଟି ଅଙ୍ଗନବାଡି କେନ୍ଦ୍ରର ସୌନ୍ଦର୍ଯ୍ୟକରଣ ଓ ଉନ୍ନତିକରଣ କାର୍ଯ୍ୟ କରାଯାଇଥିଲା । ପ୍ରକଳ୍ପ ଅଂଚଳ ସହିତ ପାରିପାର୍ଶ୍ୱିକ ଅଂଚଳର ବିକାଶରେ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ନିଜକୁ ସାମିଲ କରି ଔଦ୍ୟୋଗିକ ସାମାଜିକ ଦାୟିତ୍ୱବୋଧକୁ ଗୁରୁତ୍ୱ ଦେଇଥିବା ସୂଚନା ମିଳିଛି ।

## ଅଚ୍ୟୁତପୁରରେ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅଚ୍ୟୁତପୁରସ୍ଥିତ ଏ.ସି.ସି. କୋଚିଂ ସେଂଟରରେ ଚଳିତ ମ୍ୟାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । କବି ସୁବାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲ, ଶିକ୍ଷକ ସଙ୍ଘ ନେତା ହୃଷିକେଶ ସାମଲ, ଆଚାର୍ଯ୍ୟ ଶ୍ରୀକାନ୍ତ ଦାସ, ଶିକ୍ଷୟିତ୍ରୀ ଗୀତି ଭାରତୀ ପତି ଯୋଗଦେଇ କୃତି ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ଅବସରରେ କୃତି ଛାତ୍ରୀ ସୁଚିସ୍ମିତା ପାଢୀ, ଛାତ୍ର ଦିବ୍ୟରଂଜନ ବେହେରା, ଅଂଶୁମାନ ସ୍ୱାଇଁ, ତୃପ୍ତିମୟୀ ସାହୁ ଓ ପ୍ରଜ୍ଞା ମହାପାତ୍ରଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ମୁଖ୍ୟ ପରିଚାଳକ ପ୍ରଦୀପ୍ତ କୁମାର ବରାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଆଲୋକ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଓଡ଼ିଆ ଝିଅ ନିତ୍ୟାଙ୍କର ନୃତ୍ୟରେ ଝୁମିଲେ ଦିଲ୍ଲୀବାସୀ



ନୂଆଦିଲ୍ଲୀ, (ପି.ଏନ): ଯୁବ ଏବଂ ଉଦୀୟମାନ ନୃତ୍ୟାଙ୍ଗନା ନିତ୍ୟା ଖଣ୍ଡେଲୱାଲଙ୍କର ମନଲୋଭା ଭାରତନାଟ୍ୟମ ନୃତ୍ୟ ପ୍ରଦର୍ଶନରେ ଦିଲ୍ଲୀର ଦର୍ଶକମାନେ ମନ୍ତ୍ରମୁଗ୍ଧ ହେବା ସହିତ ତାଙ୍କର ଘୁଙ୍ଗୁରର ତାଳେ ତାଳେ ହଜି-ମଜି ଝୁମିବାରେ ଲାଗିଥିବାର ଲକ୍ଷ୍ୟ କରାଯାଇଥିଲା। ନିକଟରେ ଡେନମାର୍କ ଠାରେ ଅବସ୍ଥାପିତ ଓଡ଼ିଆ ଝିଅ ନିତ୍ୟା ଜାତୀୟ ରାଜଧାନୀର ତ୍ରିବେଣୀ କଳା ସଙ୍ଗମଠାରେ ତାଙ୍କର ମଞ୍ଚ ପ୍ରବେଶ ନୃତ୍ୟ କାର୍ଯ୍ୟକ୍ରମ 'ଅରଂଗେତ୍ରମ' ପରିବେଷଣ କରିଥିଲେ। ନିତ୍ୟାଙ୍କର ରସ ଓ ଲାସ୍ୟ ଭରା ନୃତ୍ୟ ପ୍ରସ୍ତୁତି, ତାଙ୍କର ଅନନ୍ୟ ପ୍ରତିଭା ଏବଂ ଅଜସ୍ର ପାରଦର୍ଶିତାର ସ୍ୱାକ୍ଷର ବହନ କରୁଥିଲା। ଖଚାଖଚ୍ ଭରି ଥିବା ତ୍ରିବେଣୀ ପ୍ରେକ୍ଷାଳୟରେ ଦର୍ଶକମାନେ ତାଙ୍କର ପ୍ରତ୍ୟେକ ପ୍ରସ୍ତୁତିକୁ ମନଭରି ଉପଭୋଗ କରିବା ସାଙ୍ଗକୁ ତାଳିର ଗହଗହ ନାଦରେ ତାଙ୍କୁ ସ୍ୱାଗତ କରୁଥିବା ଙ୍କଦଖାଯାଇଥିଲା। ନିତ୍ୟାଙ୍କର ରଙ୍ଗମଞ୍ଚ ଉପରେ ଏହି ପ୍ରଥମ ଏକକ ନୃତ୍ୟ ପରିବେଷଣ, ଉଭୟ ସାଧାରଣ କଳା ପ୍ରେମୀ ଏବଂ ସଂସ୍କୃତି ସମାଲୋଚକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିବା ଜଣାଯାଇଛି। ପରମ୍ପରା ଅନୁଯାୟୀ ପ୍ରାରମ୍ଭରେ ନିତ୍ୟା ତାଙ୍କର ଗୁରୁ ରଶ୍ମୀ ରାଉତ ଜୟସ୍ୱାଲଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ଗୁରୁ ଶ୍ରୀମତୀ ରାଉତ ତାଙ୍କ ହାତରେ ଘୁଙ୍ଗୁର ଅର୍ପଣ କରି ତାଙ୍କୁ ଶୁଭକାମନା ଜଣାଇଥିଲେ। 'ପୁଷ୍ପାଞ୍ଜଳି' ଶୀର୍ଷକ ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତି ଭଗବାନ ନଟରାଜଙ୍କ ବନ୍ଦନାକୁ ଆଧାରିତ ଥିଲା। ଏହା ପରେ ଆଲ୍ଲାରିପୁ, ଯଥିସ୍ୱରମ୍, ଶବମ, ବର୍ଣ୍ଣମ୍, ରାମ ଭଜନ, ଦେବର ନାମ ଏବଂ ତିଲାନା ଆଦି ନୃତ୍ୟ ସଂଯୋଜନା ପରିବେଷଣ କରାଯାଇଥିଲା। ତିନି ଘଣ୍ଟା ଧରି ଲଗାତାର ଘମାଘୋଟ ପ୍ରଦର୍ଶନର ପରିସମାପ୍ତି ଶାନ୍ତି ଶ୍ଳୋକ ଦ୍ୱାରା ହୋଇଥଲା। ଏଠାରେ ନୃତ୍ୟଶିଳ୍ପୀ ନିଜର ଆତ୍ମାକୁ ପରମାତ୍ମା ସହିତ ବିଲୟ କରିବାକୁ ପ୍ରୟାସ କରିବା ଏବଂ ସମସ୍ତଙ୍କର ଶାନ୍ତି ଓ ସଦ୍‌ଗତି ଉଦ୍ଦେଶ୍ୟରେ ପ୍ରାର୍ଥନା କରିବା, ସମଗ୍ର ପରିବେଶକୁ ଭାବବିହ୍ୱଳ, ଭକ୍ତିପୂତ ଏବଂ ଆଧ୍ୟାତ୍ମିକ ଉଶ୍ୱାସରେ ଉଦବୁଦ୍ଧ କରିବା ସହିତ ଦର୍ଶକମାନଙ୍କୁ ଐଶ୍ୱରିକ ସତ୍ତ୍ୱାର ଆସ୍ୱାଦନ ଏବଂ ଅମୃତ ଆନନ୍ଦର ସେବନ କଲାଭଳି ଅଲୌକିକ ଅନୁଭୂତି ପ୍ରଦାନ କରିଥିଲା। ନିତ୍ୟାଙ୍କର ପ୍ରତ୍ୟେକ ପ୍ରସ୍ତୁତି ଯଥେଷ୍ଟ ଆକର୍ଷଣୀୟ ଓ ହୃଦୟସ୍ପର୍ଶୀ ଥିଲା। ବିଶେଷକରି ଶୁଇ ନୃତ୍ୟ ତିଲାନା ମଞ୍ଚସ୍ଥ କରିବା ସମୟରେ ତାଙ୍କର ବୈଦ୍ୟୁତିକ ପଦଚାଳନା ବେଶ୍ ପ୍ରଶଂସନୀୟ ଥିଲା। ସେହିପରି ବର୍ଣ୍ଣମ୍, ରାମ ଭଜନ ଏବଂ ଦେବର ନାମ ଆଦି ଅଭିନୟ ଧର୍ମୀ ସଂରଚନା ମାନଙ୍କରେ ନିତ୍ୟା ଙ୍କର ଜୀବନ୍ତ ଓ ନିଖୁଣ ମୁଖାଭିନୟ ଏବଂ ଅସାମାନ୍ୟ ଭୃକୁଞ୍ଚନ ଦେଖଣାହାରି ମାନଙ୍କୁ ବିଭୋର କରିଦେଇଥିଲା।

ମାତ୍ର ପାଞ୍ଚ ବର୍ଷ ବୟସରୁ ନିତ୍ୟା ଦିଲ୍ଲୀ ଠାରେ ଗୁରୁ ଶ୍ରୀମତୀ ରାଉତଙ୍କ ଠାରୁ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ଭଦ୍ରକ ଜିଲ୍ଲାର ଇରମ ନିବାସୀ ସଞ୍ଜୀବ ଖଣ୍ଡେଲୱାଲ ତାଙ୍କର ପିତା ଏବଂ ଚଣ୍ଡୀଗଡ଼ ବାସିକା ସିପ୍ରା ଖଣ୍ଡେଲୱାଲ ତାଙ୍କର ମାତା ଅଟନ୍ତି। ନିତ୍ୟାଙ୍କର ଲାଳନ ପାଳନ ଦିଲ୍ଲୀ ଓ ଡେନମାର୍କରେ ହୋଇଛି। ଆଠ ବର୍ଷ ତଳେ ଖଣ୍ଡେଲୱାଲ୍ ପରିବାର ଭାରତରୁ ଡେନମାର୍କକୁ ସ୍ଥାନାନ୍ତରିତ ହୋଇଥିଲେ। ଏହି ସ୍ଥାନାନ୍ତରିକରଣ ନିତ୍ୟାଙ୍କ ସାମ୍ନାରେ ନୃତ୍ୟ ଶିକ୍ଷାକୁ ଜାରି ରଖିବା ନେଇ ସବୁଠୁ ବଡ଼ ସମସ୍ୟା ଉପୁଯାଇଥିଲା। ମହାଦେଶ ପାରି ଦୂରତ୍ୱ ସ୍ୱାଭାବିକଭାବେ ତାଙ୍କ ପାଇଁ ମୁଖ୍ୟ ପ୍ରତିବନ୍ଧକ ସାଜିଥିଲା। କିନ୍ତୁ ନୃତ୍ୟ ପ୍ରତି ତାଙ୍କର ପ୍ରଗାଢ଼ ଶ୍ରଦ୍ଧା, ପରମ ନିଷ୍ଠା ଏବଂ ଏକନିଷ୍ଠ ପ୍ରତିବଦ୍ଧତା ଅବଶେଷରେ ତାଙ୍କୁ ବିଜୟୀ କରିଥିଲା। ବିକଳ୍ପ ବ୍ୟବସ୍ଥା ଭାବରେ ନିତ୍ୟା, ଗୁରୁ ଶ୍ରୀମତୀ ରାଉତଙ୍କ ଠାରୁ ଅନଲାଇନ୍ ଯୋଗେ ତାଲିମ ନେବା ଆରମ୍ଭ କରିଥିଲେ ଏବଂ ଏହାକୁ ନିୟମିତ ଭାବେ ଚାଲୁ ରଖିଥିଲେ। ଦୀର୍ଘ ଆଠବର୍ଷର ଏହି ନିରଳସ ଡିଜିଟାଲ ତପସ୍ୟା ଏବଂ ଉତ୍ସର୍ଗୀକୃତ ସାଧନାରୁ ପ୍ରାପ୍ତ ସିଦ୍ଧି ତଥା ସୁଫଳର ଚାକ୍ଷୁସ ପ୍ରମାଣ, ତ୍ରିବେଣୀ ପ୍ରେକ୍ଷାଳୟରେ ସେଦିନର ଅସାଧାରଣ ଏବଂ ଅବିସ୍ମରଣୀୟ ନୃତ୍ୟ ପ୍ରଦର୍ଶନରୁ ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ ଗ୍ରୀସ, ସ୍ୱିଡେନ ଏବଂ ଡେନମାର୍କ ଆଦି ଦେଶରେ ଅନୁଷ୍ଠିତ ଆନ୍ତର୍ଜାତୀୟ ଉତ୍ସବ ମାନଙ୍କରେ ନିତ୍ୟା ତାଙ୍କର କଳା ଚାତୁର୍ଯ୍ୟ ପ୍ରଦର୍ଶନ କରିବାର ସୌଭାଗ୍ୟ ଲାଭ କରିଛନ୍ତି।ଯନ୍ତ୍ରସଙ୍ଗୀତରେ ବିଶିଷ୍ଟ କଳାକାର ବୃନ୍ଦ ଯଥା ନଟ୍ଟୁ ଓ୍ୱଙ୍ଗମରେ ଗୁରୁ ରଶ୍ମୀ ରାଉତ ଜୟସ୍ୱାଲ, କଣ୍ଠ ସଙ୍ଗୀତରେ ଭେଙ୍କଟେଶ୍ୱରନ୍ କୁପୁସ୍ୱାମୀ, ମୃଦଙ୍ଗରେ ପ୍ରଜେଶ ଚକ୍ରନ, ଘଟମରେ ବରୁଣ ରାଜଶେଖରନ, ବେହେଲାରେ ଚେମ୍ବାଇ ଆର ଶ୍ରୀନିବାସ ଏବଂ ବଂଶୀରେ ଅନୁରାଗ ରସ୍ତୋଗୀ ପ୍ରମୁଖ ସହଯୋଗ କରିଥିଲେ। ଦିବ୍ୟା ମେହେଟ୍ଟା ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ଉପସ୍ଥାପନା କରିଥିଲେ।ନିମିସା ସିଙ୍ଗଲା ସାଂସ୍କୃତିକ ଅଧିବେଶନର ସୁସଂଯୋଜନା କରିଥିଲେ। ପ୍ରସିଦ୍ଧ ରୂପସଜ୍ୟାବିତ ବ୍ରିଜ ମୋହନ ନୃତ୍ୟାଙ୍ଗନାଙ୍କର ମୁଖ ବିନ୍ୟାସ କରିଥିଲେ। ବରିଷ୍ଠ ପ୍ରଶାସକଙ୍କ ଦବେନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଙ୍କଦଇ ନୃତ୍ୟ ପ୍ରଦର୍ଶନକୁ ଉଦଘାଟନ କରିଥିଲେ। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ଖଣ୍ଡେଲୱାଲ (ଟୁଙ୍ଗୱାଲେ), ନରେଶ ରାୱତ, କମଳ ମାଲହି, ପ୍ରଦୀପ ଖଣ୍ଡେଲୱାଲ୍, ଡଲି ଖଣ୍ଡେଲୱାଲ୍ ଓ ସନ୍ତୋଷ ରାଉତ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।

## ସ୍ୱର୍ଗତ ସଂଗ୍ରାମ ଜେନାଙ୍କ ଜନ୍ମବାର୍ଷିକ ପାଳନ ଅବସରରେ ରକ୍ତଦାନ ଶିବିର ଆୟୋଜିତ

ଭୁବନେଶ୍ୱର ,(ପି.ଏନ):ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ସଭାପତି ଶ୍ରୀ ରଞ୍ଜିତ ପାତ୍ରଙ୍କ ତତ୍ତ୍ୱାବଧାନରେ ପୂର୍ବତନ ପ୍ରଦେଶ ଯୁବ କଂଗ୍ରେସ ସଭାପତି ତଥା ପୂର୍ବତନ ପ୍ରଦେଶ କଂଗ୍ରେସ ସାଧାରଣ ସଂପାଦକ, ବିଶିଷ୍ଟ ସମାଜସେବୀ ଓଡ଼ିଶାର ଛାତ୍ରଯୁବ ମାନଙ୍କର ପ୍ରଥପ୍ରଦର୍ଶକ ତଥା ସ୍ୱାଭିମାନ ରାଜନେତା ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କ ଜନ୍ମବାର୍ଷିକ ପାଳନ ଅବସରରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ରକ୍ତଦାନ ଶିବିର ହୋଇଥିଲା।

## ଡ.ଭାଗବତ ପ୍ରସାଦ ଦାସଙ୍କ "ସାନ୍ତାଳୀ ଲୋକକଥା" ଲୋକାର୍ପିତ

ବାଲେଶ୍ୱର ,(ପି.ଏନ): ବାଲେଶ୍ୱର ରେମୁଣାର ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ଦଶମ ପୁସ୍ତକ 'ସାନ୍ତାଳୀ ଲୋକକଥା' ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟ ପରିଷରରେ ଲୋକାର୍ପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଗବେଷକ ହରେକୃଷ୍ଣ ଗିରି, ଆଲୋଚକ କବି ନିରଞ୍ଜନ ସାହୁ, ସମ୍ମାନୀୟ ଅତିଥି ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ନୟନ କୁମାର ପଣ୍ଡା, ରାଧା ଗୋବିନ୍ଦ ମାହାର୍ଣ୍ଣା, ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ଡ. ଦାସଙ୍କ ସାରସ୍ୱତ କୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ସମୀକ୍ଷକ ଶ୍ରୀଯୁକ୍ତ ସାହୁ ପୁସ୍ତକଟି ସମୀକ୍ଷା ସାନ୍ତାଳୀ ଜୀବନଚର୍ଯ୍ୟା, ସେମାନଙ୍କ ପର୍ବ ପର୍ବାଣୀ, ଭାଷା, ଲୋକ ଗୀତ, ଢ଼ଗ ଢ଼ମାଳୀ ତଥା ସାନ୍ତାଳୀ ଲୋକକଥା ସହଜ, ସରଳ ଓ ବୋଧଗମ୍ୟ ଭାଷାରେ ଏଥିରେ ସନ୍ନିବେଶିତ ବୋଲି ମତ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ବୃନ୍ଦ ସ୍ୱାଗତ ସଂଗୀତ ଗାନ କରିଥିଲା ବେଳେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିଲେ। ଲେଖକ ଡ. ଦାସ ଲେଖକୀୟ ଅଭିମତ ପ୍ରକାଶ କରିଥିଲା ବେଳେ ଶିକ୍ଷକ ରାଧାରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବରୁଣ କୁମାର ନାୟକ, ସତ୍ୟବ୍ରତ ବାଗ୍, ଶିକ୍ଷୟିତ୍ରୀ ମୌସୁମୀ ବାରିକ, ଶୁଭସ୍ମିତା ପତି, ପୂର୍ଣ୍ଣିମା ପ୍ରଧାନ, ରଞ୍ଜିତା ସାନ୍ତରା, ମଧୁସ୍ମିତା ମହାଳିକ, ଲକି ବେହେରା, ଅର୍ପିତା ରାଉତ, ସ୍ୱପ୍ନା ମହାପାତ୍ର, ବାସନ୍ତୀ ପରିଡ଼ା, ସରୋଜ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ଡ.ଭାଗବତ ପ୍ରସାଦ ଦାସଙ୍କ "ସାନ୍ତାଳୀ ଲୋକକଥା" ଲୋକାର୍ପିତ

ବାଲେଶ୍ୱର ,(ପି.ଏନ): ବାଲେଶ୍ୱର ରେମୁଣାର ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ଦଶମ ପୁସ୍ତକ 'ସାନ୍ତାଳୀ ଲୋକକଥା' ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟ ପରିଷରରେ ଲୋକାର୍ପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଗବେଷକ ହରେକୃଷ୍ଣ ଗିରି, ଆଲୋଚକ କବି ନିରଞ୍ଜନ ସାହୁ, ସମ୍ମାନୀୟ ଅତିଥି ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ନୟନ କୁମାର ପଣ୍ଡା, ରାଧା ଗୋବିନ୍ଦ ମାହାର୍ଣ୍ଣା, ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ଡ. ଦାସଙ୍କ ସାରସ୍ୱତ କୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ସମୀକ୍ଷକ ଶ୍ରୀଯୁକ୍ତ ସାହୁ ପୁସ୍ତକଟି ସମୀକ୍ଷା ସାନ୍ତାଳୀ ଜୀବନଚର୍ଯ୍ୟା, ସେମାନଙ୍କ ପର୍ବ ପର୍ବାଣୀ, ଭାଷା, ଲୋକ ଗୀତ, ଢ଼ଗ ଢ଼ମାଳୀ ତଥା ସାନ୍ତାଳୀ ଲୋକକଥା ସହଜ, ସରଳ ଓ ବୋଧଗମ୍ୟ ଭାଷାରେ ଏଥିରେ ସନ୍ନିବେଶିତ ବୋଲି ମତ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ବୃନ୍ଦ ସ୍ୱାଗତ ସଂଗୀତ ଗାନ କରିଥିଲା ବେଳେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିଲେ। ଲେଖକ ଡ. ଦାସ ଲେଖକୀୟ ଅଭିମତ ପ୍ରକାଶ କରିଥିଲା ବେଳେ ଶିକ୍ଷକ ରାଧାରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବରୁଣ କୁମାର ନାୟକ, ସତ୍ୟବ୍ରତ ବାଗ୍, ଶିକ୍ଷୟିତ୍ରୀ ମୌସୁମୀ ବାରିକ, ଶୁଭସ୍ମିତା ପତି, ପୂର୍ଣ୍ଣିମା ପ୍ରଧାନ, ରଞ୍ଜିତା ସାନ୍ତରା, ମଧୁସ୍ମିତା ମହାଳିକ, ଲକି ବେହେରା, ଅର୍ପିତା ରାଉତ, ସ୍ୱପ୍ନା ମହାପାତ୍ର, ବାସନ୍ତୀ ପରିଡ଼ା, ସରୋଜ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ଆକ୍ସିସ୍ ବ୍ୟାଙ୍କ୍‌ର ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଲାଭ ୯୧% ବୃଦ୍ଧି ପାଇ ୪,୧୨୫ କୋଟି ଟଙ୍କା

ଭୁବନେଶ୍ୱର,(ପି.ଏନ): ଦେଶର ତୃତୀୟ ସର୍ବବୃହତ ଘରୋଇ କ୍ଷେତ୍ରର ବ୍ୟାଙ୍କ୍ ଆକ୍ସିସ୍ ବ୍ୟାଙ୍କ୍ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ହୋଇଥିବା ୨,୧୬୦ କୋଟି ଟଙ୍କା ତୁଳନାରେ ଏଥର ବ୍ୟାଙ୍କ୍ ୪,୧୨୫ କୋଟି ଟଙ୍କାର ନିଟ୍ ଲାଭ ହାସଲ କରିଛି ବ୍ୟାଙ୍କ୍‌ର ନିଟ୍ ସୁଧ ଆୟ ୨୧ ପ୍ରତିଶତ ବୃଦ୍ଧି ପାଇ ୯,୩୮୪ କୋଟି ଟଙ୍କା ହୋଇଛି ଯାହା ପୂର୍ବବର୍ଷ ଏହି ସମୟରେ ୭,୭୬୦ କୋଟି ଟଙ୍କା ଥିଲା ଏହାର ନିଟ୍ ସୁଧ ମାର୍ଜିନ୍ ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୩.୬୦ ପ୍ରତିଶତ ହୋଇଛି ଓ ବର୍ଷକୁ ବର୍ଷ ଭିତିରେ ତାହା ୦.୧୪ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ତ୍ରୈମାସିକ ଭିତିରେ ୦.୧୧ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଆକ୍ସିସ୍ ବ୍ୟାଙ୍କ୍ ଦୃଢ଼ ପରିଚାଳନା ପ୍ରଦର୍ଶନ ପ୍ରଦାନ କରିଥିବା ବେଳେ ମାର୍ଜିନରେ ଉନ୍ନତି ହୋଇଛି। ଜମା ଓ ଋଣରେ ସୁସ୍ଥକର ଅଭିବୃଦ୍ଧି ହାସଲ କରିଛି। ଆକ୍ସିସ୍ ବ୍ୟାଙ୍କ୍‌ର କାସା ଜମା ବର୍ଷକୁ ବର୍ଷ ଭିତିରେ ୧୬ ପ୍ରତିଶତ ଓ ତ୍ରୈମାସିକ ଭିତିରେ ୧ ପ୍ରତିଶତ ବୃଦ୍ଧି ପାଇଛି ଓ କାସା ଅନୁପାତ ବର୍ଷକୁ ବର୍ଷ ଭିତିରେ ୦.୫୩ ପ୍ରତିଶତ ବୃଦ୍ଧି ପାଇ ୪୩%ରେ ପହଂଚିଛି। ବ୍ୟାଙ୍କ୍‌ର ପରିଚାଳନା ରାଜସ୍ୱ ପରିମାଣ ୧୧ ପ୍ରତିଶତ ବୃଦ୍ଧି ପାଇ ୧୨, ୩୮୩ କୋଟି ଟଙ୍କା ହୋଇଛି ଯାହା ପୂର୍ବବର୍ଷର ପ୍ରଥମ ତ୍ରୈମାସିକରେ ୧୧,୧୧୯ କୋଟି ଟଙ୍କା ଥିଲା।୨୦୨୨ ଜୁନ୍ ୩୦ ସୁଦ୍ଧା ବ୍ୟାଙ୍କ୍‌ର ମୋଟ ଏନ୍‌ପିଏ ଓ ନିଟ୍ ଏନ୍‌ପିଏ ଯଥାକ୍ରମେ ୨.୭୬% ଓ ୦.୬୪% ହୋଇଛି ଯାହା ୨୦୨୧ ଜୁନ୍ ୩୦ ସୁଦ୍ଧା ଯଥାକ୍ରମେ ୩.୮୫ ପ୍ରତିଶତ ଓ ୧.୨୦ ପ୍ରତିଶତ ଥିଲା। ବ୍ୟାଙ୍କ୍‌ର ଫି' ଆୟ ୩୪ ପ୍ରତିଶତ ବୃଦ୍ଧି ପାଇ ୩,୫୭୬ କୋଟି ଟଙ୍କା ହୋଇଛି। ରିଟେଲ୍ ଫି' ବର୍ଷକୁ ବର୍ଷ ଭିତିରେ ୪୩% ବୃଦ୍ଧି ପାଇଛି ଓ ମୋଟ ଫି'କୁ ତାହାର ଅବଦାନ ୬୬ ପ୍ରତିଶତ ରହିଛି। ସାମଗ୍ରିକ ପୁଂଜି ସ୍ୱଚ୍ଛଳତା ହାର (ସିଏଆର୍) ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକର ଲାଭ ସମେତ ୧୭.୮୩ ପ୍ରତିଶତ ରହିଥିବା ବେଳେ ସିଇଟି ୧ ଅନୁପାତ ୧୫.୧୬% ରହିଛି।

## ଜାତୀୟ ସଂସ୍ଥାର ବିପୁଳ କ୍ଷତି କରୁଛନ୍ତି ସିଣ୍ଡିକେଟ୍ ସଦସ୍ୟ : ସିବିଆଇ ତଦନ୍ତ ଦାବୀ କଲା ଆମ କୁଜଙ୍ଗ ଆମ ପରାଦୀପ ସଙ୍ଗଠନ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ଦୀର୍ଘ ବର୍ଷ ଧରି ଦେଶର ପ୍ରମୁଖ ବନ୍ଦର ଭାବେ ପ୍ରତିଷ୍ଠା ଲାଭ କରି ପାରିଛି । ବନ୍ଦରକୁ ଯେଉଁ ଭଳି ଲାଭ ମିଳିବା କଥା ତାହା ମିଳି ପାରୁନାହିଁ । ଏହା ପଛରେ ଗତ ୨୦ ବର୍ଷ ଧରି ଗୋଟେ ସୁଚିନ୍ତିତ ଅପରାଧିକ ଓ ବ୍ୟବସାୟିକ ସିଣ୍ଡିକେଟ୍ କାମ କରୁଛି । ଏହି ସିଣ୍ଡିକେଟ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜାତୀୟ ସଂସ୍ଥାର ବିପୁଳ କ୍ଷତି କରାଇ ନିଜେ କୋଟି କୋଟି ଟଙ୍କା ରୋଜଗାର କରିବା ବୋଲି ଅଭିଯୋଗ କରିଛି ଆମ କୁଜଙ୍ଗ ଆମ ପାରାଦୀପ ସଙ୍ଗଠନ । ଶନିବାର ଦିନ ଅପରାହ୍ନରେ ପାରାଦୀପର ଏକ ହୋଟେଲ୍‌ରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ସଙ୍ଗଠନର ସଭାପତି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ । ୨୦୧୬ ମସିହାରରେ ଷ୍ଟିଭେଡୋର୍ସ ବିବାଦ ସମୟରେ ଷଡଯନ୍ତ୍ର କରି ଜୋର୍ ଜବରଦସ୍ତ ପାରାଦୀପ ବନ୍ଦରର କାର୍ଯ୍ୟକୁ ୫ ଦିନ ବନ୍ଦ କରି ଦିଆଯାଇଥିଲା । ଫଳରେ ବନ୍ଦରର କୋଟି କୋଟି ଟଙ୍କା କ୍ଷତି ହୋଇଥିଲା । ପାରାଦୀପ ବନ୍ଦର ଇଂଟ୍ରା ପୋର୍ଟ ଡର ଡ୍ରାଇଭର ଓ ହେଲପର ସଂଘର ସଭାପତି ଥିଲେ ବାପି ସାର୍ଖେଲ୍ । ତାଙ୍କରି ଇଙ୍ଗିତରେ ବନ୍ଦର ଭିତରେ ମାଲ ପରିବହନ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇଥିଲା । ଏହା ଦ୍ୱାରା ସେ କୋଟି କୋଟି ଟଙ୍କା ରେଜଗାର କରିଥିଲେ ଓ ପରବର୍ତି ସମୟରେ କଂଗ୍ରେସ୍ ଟିକେଟରେ ବିଧାୟକ ପ୍ରାର୍ଥୀ ହୋଇଥିଲେ । ୨୦୦୭ ମସିହାରେ ଆଇଓସିଏଲ୍ ପ୍ରକଳ୍ପ ଚାଲୁଥିବା ବେଳେ ବାପି ସାର୍ଖେଲ୍ ପାରାଦୀପ ଏରସମା ଶିଳ୍ପାଂଚଳ ବିକାଶ ପରିଷଦ ନାମରେ ସଙ୍ଗଠନ କରି ଅସାମାଜିକ ବ୍ୟକ୍ତିଙ୍କୁ ନେଇ ପ୍ରୋଟେକ୍ସନ ସ୍କାର୍ଡ ଗଠନ କରି ବିଭିନ୍ନ କମ୍ପାନୀମାନଙ୍କୁ ଧମକାଇ ଥିଲେ । ଯେଉଁଥି ପାଇଁ ପ୍ରକଳ୍ପ କାମ ୪ରୁ ୫ ବର୍ଷ ବିଳମ୍ବ ହୋଇଥିଲା । ଏହିଭଳି କାର୍ଯ୍ୟ ପାଇଁ ପାରାଦୀପ ଶିଳ୍ପାଂଚଳର ପରିବେଶ ଅଶାନ୍ତ ହେବାରେ ଲାଗିଛି । ୨୦୧୭ ମସିହାରେ ଷ୍ଟିଭେଡୋର୍ସ ବ୍ୟବସାୟ ବିବାଦକୁ ନେଇ ମହେନ୍ଦ୍ର ସ୍ୱାଇଁ ହତ୍ୟା ଘଟଣା, ୨୦୧୨ ମସିହା ପୋସ୍କୋର କୋଷ୍ଟାଲ ରୋଡ୍‌କୁ ପ୍ରୋଟେକ୍ସନ୍ ଦେଇ ଦୁର୍ଯ୍ୟୋଧନ ସ୍ୱାଇଁ ହତ୍ୟାକାଣ୍ଡ, ୨୦୦୮ ମସିହାରେ ଧରିତ୍ରୀ ଡ୍ରେଜିଙ୍ଗ ଏବଂ ଆଇଓସିଏଲ୍‌ରେ କାମ କରୁଥିବା ସେତେବେଳର କନଷ୍ଟ୍ରକସନ୍ କମ୍ପାନୀମାନଙ୍କୁ ରାଜ୍ୟ ବାହାରୁ ବହୁତ ବନ୍ଧୁକଧାରୀମାନଙ୍କୁ ଆଣି ପାଖରେ ରଖି ଶହ ଶହ କୋଟି ବଟି ନେବା ଏବଂ ୨୦୦୫ ମସିହାରେ ସ୍ୱର୍ଗତ ମୁନା ପତିଙ୍କ ହତ୍ୟାକାଣ୍ଡରେ ସନ୍ଦେହ ଘେରରେ ରହିବା ବାପି ସାର୍ଖେଲଙ୍କ ମୁଖା ଖୋଲିଯାଇଛି । ନିଜକୁ ସାଧାରଣ ଶ୍ରମିକ ନେତା କହୁଥିବା ବାପି ସାର୍ଖେଲ୍ ଲକ୍ଷାଧିକ ଟଙ୍କା ବ୍ୟୟରେ ବିଳାସପୂର୍ଣ୍ଣ କାର୍ଯ୍ୟାଳୟ କରିବା, କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ବିଳାସପୂର୍ଣ୍ ଗାଡି ଚଢିବା ଏବଂ ତାଙ୍କର ଆୟର ଉତ୍ସ କଣ ସେ ନେଇ ଅର୍ଥନୈତିକ ଅପରାଧ ଶାଖା ଓ ସିବିଆଇ ତଦନ୍ତ କରିବାକୁ ପ୍ରକାଶ ତ୍ରିପାଠୀ ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ସଙ୍ଗଠନର କାର୍ଯ୍ୟକାରୀ ସଭାପତି ଜିନ୍ନାୟୀ ସାହାଣୀ, ସମ୍ପାଦକ ଦେବବ୍ରତ ସାହୁ ଯୋଗ ଦେଇ ଏହି ଘଟଣାର ତୀବ୍ର ନିନ୍ଦା କରିବା ସହ ଆସନ୍ତା ୧୮ ତାରିଖରେ ସଙ୍ଗଠନ ପକ୍ଷରୁ ହେବାକୁ ଥିବା ରକ୍ତଦାନ ଶିବିରକୁ ସଫଳ କରିବାକୁ ନିବେଦନ କରିଥିଲେ ।

## ସୁପ୍ରିମକୋର୍ଟଙ୍କ ରାୟକୁ ସତ୍ୟଭାମା ଦେବୀ ଟ୍ରଷ୍ଟର ନାପସନ୍ଦକୁ ନିନ୍ଦା କଲା ଓଏସଇଏଫଡ଼ି

ଭୁବନେଶ୍ୱର,(ପି.ଏନ): ଦିବ୍ୟାଙ୍ଗମାନଙ୍କ ଶିକ୍ଷା ପାଇଁ ସର୍ବଦା ଚେଷ୍ଟିତ ଓଡ଼ିଶା ସ୍ପେଶିଆଲ ଏଜୁକେଟର ଫେଡେରେସନ ଫର ଦିବ୍ୟାଙ୍ଗ ସଂଘ ସାଧାରଣ ବିଦ୍ୟାଳୟରେ ଯେହେତୁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ କରୁଛନ୍ତି ତାଙ୍କ ଶିକ୍ଷା ଦାନ କରିବା ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରିବା ବହୁ ବର୍ଷ ପୂର୍ବରୁ ରାଜ୍ୟ ସରକାରଙ୍କ ନିକଟରେ ଅନୁରୋଧ କରି ଆସୁଛି। ଗତ ୨୦୨୧ ମସିହା ଅକ୍ଟୋବର ମାସ ୨୮ ତାରିଖରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଏକ ରାୟର ଶୁଣାଣି କରି ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଥିବା ପ୍ରତ୍ୟେକ ସାଧାରଣ ବିଦ୍ୟାଳୟରେ ଜଣେ ଜଣେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତ କରିବା ପାଇଁ ଆଦେଶ ଦେଇଥିଲେ। ପୁନଶ୍ଚ ୨୦୨୨ ମସିହା ଜୁଲାଇ ୨୧ ତାରିଖରେ ସେହି ରାୟର ଶୁଣାଣି କରି କହିଛନ୍ତି ଯେ, ପ୍ରାଥମିକ ବିଦ୍ୟାଳୟରେ ୧୦ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ୧ ଜଣ ସ୍ୱତ ଶିକ୍ଷକ ଓ ଉଚ୍ଚ ପ୍ରାଥମିକ, ମାଧ୍ୟମିକ ବିଦ୍ୟାଳୟରେ ୧୫ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ୧ ଜଣ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇଁ ସ୍ଥିର କରିଛନ୍ତି ଏବଂ ଯଦି ଗୋଟେ ବିଦ୍ୟାଳୟରେ ଗୋଟିଏ ବି ଭିନ୍ନକ୍ଷମ ପିଲା ଅଛି ସେଠି ଜଣେ ସ୍ୱତନ୍ତ୍ର ଶିକ୍ଷକ ଦବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀ ଓଏସଇଏଫଡ଼ି ସଂଘ ସାଧାରଣ ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ପ୍ରେସ୍ ବାର୍ତ୍ତା ମାଧ୍ୟମରେ ରାଜ୍ୟ ସରକାରଙ୍କ ନିକଟରେ ଅନୁରୋଧ କରିଛି। ଗତ ଜୁଲାଇ ୩୧ ତାରିଖରେ ଦୈନିକ ଓଡ଼ିଆ ଖବରକାଗଜ 'ପର୍ଯ୍ୟବେକ୍ଷକ'ରେ ଏକ ଖବର ପ୍ରକାଶିତ ହୋଇଥିଲା ଯେ, 'ସାଧାରଣ ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରାଯିବାର ଆବଶ୍ୟକତା ନାହିଁ' ଏବଂ ଓଏସଇଏଫଡ଼ି ସଂଘ ଯାହା ଦାବି କରିଛି ତାହା ଭିତ୍ତିହୀନ ଏବଂ କପୋଳକଳ୍ପିତ। ଏହାକୁ ସତ୍ୟଭାମାଦେବୀ ୱେଲଫୟାର ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ସୁଶ୍ରୀ ନିରଜାଲକ୍ଷ୍ମୀ ମହାପାତ୍ର କହିଛନ୍ତି। ତାଙ୍କ ମତକୁ ଓଏସଇଏଫଡ଼ି ସଂଘ ଦୃଢ଼ ନିନ୍ଦା କରିବା ସହ ଏହା ମନଗଢ଼ା କାହାଣୀ ବୋଲି ଉଲ୍ଲେଖ କରୁଛି। ସେ ଏହାକୁ କେଉଁ ଉଦ୍ଦେଶ୍ୟରେ କହିଛନ୍ତି ତାହା ସଂଘ ଜାଣିନଥିଲେ ବି ସଂଘର ଅନୁମାନ ଯେ, ଯଦି ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ପାଇଁ ସାଧାରଣ ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦିଆଯାଏ, ତାହାଲେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ନିଜ ଗୃହ ଠାରୁ ଦୂରରେ ଥିବା ସ୍ୱତନ୍ତ୍ର ବିଦ୍ୟାଳୟରେ ନାମ ନ ଲେଖାଇ ଗୃହ ପାଖେ ଥିବା ସାଧାରଣ ବିଦ୍ୟାଳୟରେ ନାମ ଲେଖାଇ ଭଲ ଭାବରେ ଶିକ୍ଷା ଗ୍ରହଣ କରିପାରିବେ। ଯାହା ଫଳରେ ଏନଜିଓ ଓ ମ୍ୟାନେଜିଙ୍ଗ ଟ୍ରଷ୍ଟ ଦ୍ୱାରା ଖୋଲା ଯାଇଥିବା ସ୍ୱତନ୍ତ୍ର ବିଦ୍ୟାଳୟରେ ଛାତ୍ର ସଂଖ୍ୟା କମିଯିବେ ଏବଂ ମ୍ୟାନେଜି ଟ୍ରଷ୍ଟ ଏଥିରୁ ଲାଭବାନ ହୋଇପାରିବ ନାହିଁ, ସେଥିପାଇଁ ଏହି ଖବର ସେ ପ୍ରକାଶ କରିଛନ୍ତି। ଏହାକୁ ସଂଘ ଦୃଢ଼ ପ୍ରତିବାଦ କରିବା ସହ ସଂଘ ଏହାର ସଠିକ୍ ତଥ୍ୟ ତଥା ପ୍ରମାଣ ଦାଖଲ କରିବା ପାଇଁ ରାଜି ଅଛି। ଯଦି ଆଗାମୀ ମ୍ୟାନେଜିଙ୍ଗ ଟ୍ରଷ୍ଟ ଏହିଭଳି ଖବର ପ୍ରକାଶ କରନ୍ତି ତାହାଲେ ଆମେ ଆଇନର ଆଶ୍ରୟ ନେବୁ ବୋଲି ସଂଘ ଚେତାବନୀ ଦେଉଛି।




2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक
Bhubaneswar Sunday August 07, 2022 ଭୁବନେଶ୍ୱର ରବିବାର, ଅଗଷ୍ଟ ୦୭,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଏସ୍‌ଟି କମିଶନ ସଦସ୍ୟ ଅନନ୍ତ ନାୟକଙ୍କୁ ଆକ୍ରମଣ ପ୍ରତିବାଦରେ ମିଳିତ ଆଦିବାସୀ କଲ୍ୟାଣ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ



କେନ୍ଦୁଝର,(ପି.ଏନ): କେନ୍ଦୁଝରରେ ଜାତୀୟ ଅନୁସୂଚିତ ଜନଜାତି କମିଶନ ସଦସ୍ୟ ଅନନ୍ତ ନାୟକ ଙ୍କୁ ଆକ୍ରମଣ ପ୍ରତିବାଦରେ ମିଳିତ ଆଦିବାସୀ କଲ୍ୟାଣ ମଞ୍ଚ ପକ୍ଷରୁ ଶନିବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏକ ରାଲିରେ ଆଦିବାସୀମାନେ କାଳିପଡିଆ ରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୂର୍ବରୁ ମିଳିତ ଆଦିବାସୀ କଲ୍ୟାଣ ମଞ୍ଚ ପକ୍ଷରୁ ଶ୍ରୀ ନାୟକ ଙ୍କୁ ଆକ୍ରମଣ ଘଟଣାକୁ ପ୍ରତିବାଦ ଜଣାଇ ଦାବୀ ପତ୍ର ଦେଇଥିଲେ। ତେବେ ୭୨ ଘଣ୍ଟା ବିତି ଯାଇଥିଲେ ହେଁ ଦୋଷୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାନ ଯିବାରୁ ଆଜି ଏଭଳି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ବୋଲି ଆଦିବାସୀ ନେତା କୈଳାଶ ନାୟକ କହିଛନ୍ତି। ଜିଲ୍ଲା ପ୍ରଶାସନ ତାଙ୍କ ଗସ୍ତ ସମୟରେ ସୁରକ୍ଷା ନଦେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ମଂଚ କହିଛି। ଆଦିବାସୀ ଲୋକଙ୍କ ଅଭିଯୋଗ ଶୁଣାଣୀ କରିବା ପାଇଁ ଗସ୍ତ ସମୟରେ ରାଜନୈତିକ ଦଳ ଇଙ୍ଗିତରେ ତାଙ୍କୁ ବିରୋଧ କରାଯାଉଥିବା ମିଳିତ ମଂଚ ପକ୍ଷରୁ କୁହାଯାଇଛି। ଜୁଲାଇ ମାସ ୨୯ ତାରିଖରେ ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ଏବଂ ଅଗଷ୍ଟ ୧ ତାରିଖ ଦିନ କିପାଣି ଠାରେ ବିରୋଧ କରି ଆକ୍ରମଣ କରାଯାଇ ଅପଦସ୍ତ କରାଯାଇଛି। ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ବିରୋଧ କରାଯାଉଛି। ଜିଲ୍ଲା ପ୍ରଶାସନ ତାଙ୍କୁ ସୁରକ୍ଷା ଦେବାରେ ଫେଲ ମାରିଥିବାରୁ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବୀ କରାଯାଇଛି। ଘଟଣାର ୪ ଦିନ ପରେ ମଧ ପୋଲିସ କାହାରିକୁ ଗିରଫ କରିନଥିବାରୁ ପ୍ରଶାସନର ଭୂମିକା ସନ୍ଦେହ ଘେରରେ ବୋଲି ମଞ୍ଚ ଅଭିଯୋଗ କରିଛି। କିପାଣି ପୋଲିସ ଷ୍ଟେସନ ଠାରୁ ମାତ୍ର ୧୦୦ ମିଟର ଦୂରରେ ଘଟଣା ଘଟିବା ଏବଂ ପୂର୍ବରୁ ଅନୁମତି ନ ନେଇ ଏତେ ଲୋକ ରୁଣ୍ଡ ହୋଇ ବିରୋଧ କରିବା ଘଟଣାରେ ପୋଲିସ କିପରି ଜାଣି ପାରିଲା ନାହିଁ ତାହାକୁ ନେଇ ମଂଚ ପ୍ରଶ୍ନ ଉଠାଇଛି। କମିଶନ ସଦସ୍ୟଙ୍କ ଗସ୍ତ ସମୟରେ ପ୍ରଶାସନ କାହିଁକି ସହଯୋଗ କରୁନାହାଁନ୍ତି ତାହା ପ୍ରଶ୍ନ କରିଛି ମିଳିତ ମଂଚ। ପ୍ରଶାସନ ବିରୋଧରେ ସ୍ଥାନୀୟ ଆଦିବାସୀ ଲୋକଙ୍କ ବାରମ୍ବାର ଅଭିଯୋଗ କାରଣରୁ ଲୋକଙ୍କ ସାମ୍ବିଧାନିକ ଅଧିକାର ରକ୍ଷା ପାଇଁ ଏସ୍‌ଟି କମିଶନ ସଦସ୍ୟ କେନ୍ଦୁଝର ଜିଲ୍ଲା ଗସ୍ତ କରୁଛନ୍ତି। ସରକାର ଏବଂ ସ୍ଥାନୀୟ ପ୍ରଶାସନର ମୁଖା ଖୋଲିଯିବା ଭୟରେ ତାଙ୍କୁ ପ୍ରାୟୋଜିତ ବିରୋଧ କରାଯାଉଛି। ଜିଲ୍ଲାରେ ଆଦିବାସୀ ମାନେ ମୌଳିକ ସୁବିଧା ପାଇ ପାରୁନଥିବାବେଳେ ସେମାନଙ୍କର ସମସ୍ୟାର ସମାଧାନ ହୋଇ ପାରୁନାହିଁ। ରାଜ୍ୟ ସରକାର ଆଦିବାସୀଙ୍କ ବିକାଶ ପ୍ରତି ଆନ୍ତରିକତା ଦେଖାଉନାହାଁନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପରେ ଗ୍ରାମସଭା ଏବଂ ପଲ୍ଲୀସଭା କେବଳ କାଗଜକଲମରେ ପ୍ରସ୍ତୁତ ହେଉଛି। ଏ ସଂପର୍କରେ ଆଦିବାସୀମାନଙ୍କୁ ଅନ୍ଧାରରେ ରଖି କାମ କରାଯାଉଛି। ଖଣି ଅଞ୍ଚଳରେ ମେସିନ ରେ କାମ କରାଯାଉଥିବାରୁ ଆଦିବାସୀମାନେ କର୍ମସଂସ୍ଥାନ ହରାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଖଣି ଯୋଗୁଁ ଆଦିବାସୀମାନଙ୍କ ଜଳ,ଜମି ଓ ଜଙ୍ଗଲ ନଷ୍ଟ ହେଉଥିବାବେଳେ ସେମାନଙ୍କ ସାମାଜିକ ସୁରକ୍ଷା ପାଇଁ ପ୍ରଶାସନ ଚୁପ ବସିଛି। ଏନ୍‌ସିଏସଟି ପକ୍ଷରୁ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ପ୍ରଶାସନ କୁ ଲିଖିତ ଭାବେ ଜଣାଇଲେ ମଧ ପଦକ୍ଷେପ ନିଆଯାଇନାହିଁ। କମିଶନ ସଦସ୍ୟ ଅନନ୍ତ ନାୟକ ଜନଜାତି ବର୍ଗର ସ୍ୱାର୍ଥ ଏବଂ ଅଧିକାର ପାଇଁ କାର୍ଯ୍ୟ କରୁଥିବାରୁ ତାଙ୍କୁ ଶାସକ ଦଳର କିଛି ନେତା ଏବଂ କର୍ମୀ ପ୍ରାୟୋଜିତ ଭାବେ ବିରୋଧ କରି ତାଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ବୋଲି ମିଳିତ ଆଦିବାସୀ କଲ୍ୟାଣ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ବିକ୍ଷୋଭରେ କେନ୍ଦୁଝର ଜିଲ୍ଲା ଗୌଣ୍ଡ ସାଂସ୍କୃତିକ ସମାଜର ସଭାପତି ଜନାର୍ଦ୍ଦନ ନାୟକ,ପ୍ରଭାକର ସିଂ,ଗୋବିନ୍ଦ ନାୟକ,ଦୟାନିଧି ଖଣ୍ଡା,ଦିଗାମ୍ବର ଦଣ୍ଡପାଟ,ବଲ୍ଲଭ ନାୟକ,ଭୂୟାଁ ସମାଜ ର ଆନନ୍ଦ ଦେହୁରୀ,ତମାଳ ପ୍ରଧାନ,ଦିନବନ୍ଧୁ ଦେହୁରୀ,ବିଶ୍ୱଭୂଷଣ ସାଆନ୍ତ,ଦ୍ରୌପଦୀ ଦେହୁରୀ,ନିତ୍ୟାନନ୍ଦ ଦେହୁରୀ,କୃଷ୍ଣ ନାଏକ,କଲୁ ନାଏକ,ସୁରେଶ ନାଏକ,ଶରତ ନାଏକ,ମନୋଜ ନାଏକ,କିରଣବାଳା ନାୟକ,ବାଥୁଡି ସମାଜ ର ହରିଶ ନାଏକ,ଚପଳଚାନ୍ଦ ରଣସିଂ,ମକରଧ୍ୱଜ ନାଏକ,ଗିରିଶ ଚନ୍ଦ୍ର ନାଏକ,ରଜତ କୁମାର ନାଏକ,ହୋ ସମାଜ ର ପ୍ରେମ ପ୍ରକାଶ ମୁଣ୍ଡା,ଅଶୋକ କୁମାର ପିଙ୍ଗୁଆ,କୃଷ୍ଣଚନ୍ଦ୍ର ମୁଣ୍ଡା,ବାରିଶା ମାଝୀ,ମଙ୍ଗଳ ମୁଣ୍ଡା,ମୁକୁନ୍ଦ ମୁଣ୍ଡା,ସୁନା ପୂର୍ତ୍ତି,ମାଝୀ ସମାଜ ର ନିର୍ମଳ ମାଝୀ,ଅଜୟ ମାଝୀ,ପିତାମ୍ବର ମାଝୀ,ବାଗୁଡି ହେମ୍ବ୍ରମ,ମୁଣ୍ଡା ସମାଜର ସୋମନାଥ ମୁଣ୍ଡା,ବୁଧରାମ ମୁଣ୍ଡା,ଶ୍ୟାମ ମୁଣ୍ଡା,ଜୁଆଙ୍ଗ ସମାଜ ପକ୍ଷରୁ ଅଧିକାରୀ ଜୁଆଙ୍ଗ,ଶ୍ରୀଧର ଜୁଆଙ୍ଗ ନେତୃତ୍ୱ ନେଇଥିବାବେଳେ ମିଳିତ ଆଦିବାସୀ ମଞ୍ଚର ବହୁ ପୁରୁଷ ଓ ମହିଳା ଏଥିରେ ସାମିଲ ହୋଇଥିଲେ।

## ହରିଚନ୍ଦନପୁର ଲ୍ୟାମ୍ପ୍ସର ପ୍ରଥମ ବୈଠକ

ଭଗାମୁଣ୍ଡା,(ପି.ଏନ): ହରିଚନ୍ଦନପୁର ଲ୍ୟାମ୍ପ୍ସର ନବନିର୍ବାଚିତ ସଭାପତି ଓ ନିର୍ଦ୍ଦେଶକ ମାନଙ୍କୁ ନେଇ ପ୍ରଥମ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ଦ୍ରୋଣ ନାଏକଙ୍କ ସଭାପତିତ୍ୱରେ ଉପସଭାପତି ମାଇନ ସୋରେନ୍, ନିର୍ଦ୍ଦେଶକ ଲକ୍ଷ୍ମୀଧର କିଷାନ, ସୋମନାଥ ଜେନା, ବିଦ୍ୟାଧର ସାହୁ, ଆଦିତ୍ୟ ମହାପାତ୍ର, ମଇକା ମୁଣ୍ଡା, ନରୋତ୍ତମ ନାଏକ, ସୁଶାନ୍ତ କୁମାର ସାହୁ,ଦୋଳଗୋବିନ୍ଦ ସାହୁ, ସୁଶାନ୍ତ କୁମାର ଜଙ୍ଗ, ହରେକୃଷ୍ଣ ଦେହୁରୀ, ନଳିନୀ ନାୟକ, ସାଇବାଣୀ ନାଏକ, ହରିଚନ୍ଦନପୁର କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଶାଖା ପରିଚାଳକ ବସନ୍ତ କୁମାର ସେଠୀ ଓ ଲ୍ୟାମ୍ପ୍ସ ପରିଚାଳନା ନିର୍ଦ୍ଦେଶକ ବଳଭଦ୍ର ସାହୁ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ । ଚାଷୀଙ୍କ ଠାରୁ ବକେୟା ଋଣ ଆଦାୟ, ଅଫିସ୍ ଗୃହର ଜମିପଟ୍ଟା କରିବା, ଅଧାପନ୍ତରିଆ ଗୋଦାମ ଗୃହକୁ ସମ୍ପୂର୍ଣ୍ଣ କରି ତାର ଜମିପଟ୍ଟା କରିବା, ଚାଷୀଙ୍କୁ ସାର ଯୋଗାଣ ଏବଂ ଧାନ ବିକ୍ରୀ ପାଇଁ ଚାଷୀ ପୀକରଣ ଶାନ୍ତିଶୃଙ୍ଖଳା ସହ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା । ୬ ବର୍ଷ ହେଲା ଦୁଇଟି ଗୋଦାମ ଗୃହ ଅସମ୍ପୂର୍ଣ୍ଣ ହୋଇ ପଡିଥିବାରୁ ନିର୍ଦ୍ଦେଶକମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଲ୍ୟାମ୍ପ୍ସ କର୍ମଚାରୀ ବିଜୟାନନ୍ଦ ସାହୁ, ଦିବ୍ୟଲୋଚନ ବାରିକ, ଶରତ ବେଜ, ସିପୁନ୍ କୁମାର ସାହୁ ସହଯୋଗ କରିଥିଲେ ।

# କେନ୍ଦୁଝର ଡାକଘରେ ହର ଘର ତ୍ରିରଙ୍ଗା ଉଦ୍‌ଘାଟିତ

କେନ୍ଦୁଝର,(ପି ଏନ):ଦେଶରେ ଆଜାଦୀକି ଅମୃତ ମହୋତ୍ସବ ପାଳିତ ହେବାକୁ ଯାଉଥିବାରୁ ଦେଶର ପ୍ରତ୍ୟେକ ଘରେ ଜାତୀୟ ପତାକା ଉତ୍ତୋଳନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏ ପରିପ୍ରେକ୍ଷୀରେ ଡାକଘର ମାଧ୍ୟମରେ ଜାତୀୟ ପତାକା ବିକ୍ରୀ କରାଯାଉଛି । ମାତ୍ର ୨୫ ଟଙ୍କା ବିନିମୟରେ ପ୍ରତ୍ୟେକ ନାଗରିକ ଜାତୀୟ ପତାକା ମୁଖ୍ୟ ଡାକଘର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ଥିବା ଡାକଘରେ ଉପଲବ୍ଧ କରାଇଛନ୍ତି। ଏହି ଉତ୍ସବକୁ ସ୍ମରଣୀୟ କରିବାକୁ କେନ୍ଦୁଝର ଡାକଘର ପରିସରରେ ଡାକ ଅଧିକ୍ଷକ ହରିହର ନାଏକ, ସହଅଧିକ୍ଷକ ମୋହନ ସୁନା, ଡାକପାଳ ଦୁର୍ଯ୍ୟୋଧନ ସେଠୀ ପ୍ରମୁଖ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ନିରାଡମ୍ବର ଉତ୍ସବରେ ଡାକ ବିଭାଗର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ମୁଖ୍ୟ ଡାକଘରେ ଜାତୀୟ ପତାକା କ୍ରୟ କରିବା ପାଇଁ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିବା ଦେଖାଯାଇଛି । ଗ୍ରାମାଞ୍ଚଳରେ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ସହ ସାଧାରଣ ଜନତା ବେଶ୍ ଆନନ୍ଦ ସହକାରେ ଜାତୀୟ ପତାକା କ୍ରୟ କରୁଛନ୍ତି। ସମଗ୍ର ଦେଶରେ ୧ଲକ୍ଷ ୫୯ ହଜାରରୁ ଊର୍ଦ୍ଧ୍ୱ ଡାକଘରେ ଜାତୀୟ ପତାକା ଡାକ ବିଭାଗ ଉପଲବ୍ଧି କରାଇପାରିଛି । ତତ୍ ସଙ୍ଗେ ସଙ୍ଗେ କେନ୍ଦୁଝର ଡାକଘରେ ଜନସାଧାରଣଙ୍କ ପାଇଁ ଏକ ସେଲ୍ଫି ପଏଣ୍ଟ ସ୍ଥାପିତ ହୋଇଛି । ଜନସାଧାରଣ ନିଜର ସେଲ୍ଫି ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିପାରିବେ।

# ପଞ୍ଚମ ଗୀତାଞ୍ଜଳି ପ୍ରତିଭା ସମ୍ମାନ-୨୦୨୨ : ସମ୍ବର୍ଦ୍ଧିତ ହେଲେ ୩୧ ଛାତ୍ରଛାତ୍ରୀ ଓ ୧୨ ଶିକ୍ଷକ ଶିକ୍ଷୟିତ୍ରୀ




ଭୁବନେଶ୍ୱର,(ପି.ଏନ): ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ପଞ୍ଚମ ଗୀତାଞ୍ଜଳୀ ପ୍ରତିଭା ସମ୍ମାନ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଥିଲେ ଯେ, ଗୀତାଞ୍ଜଳୀ ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟ ଯେଉଁଭଳି ଭାବେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରୁଛି ତାହା ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପରେ ସକରାତ୍ମକ ପ୍ରଭାବ ପକାଇବ। ବିଶେଷକରି ଛାତ୍ରଛାତ୍ରୀମାନେ କିପରି ଭଲ ପାଠ ପଢି ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେବେ ସେ ନେଇ ନିଜକୁ ପ୍ରସ୍ତୁତ କରିବେ। ସେହିପରି ଶିକ୍ଷକ ଶିକ୍ଷୟିତ୍ରୀମାନେ ଉନ୍ନତମାନର ଶିକ୍ଷଦାନ ପାଇଁ ପ୍ରୟାସ କରିବେ ଏବଂ ବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ କିପରି ଗୁଣାତ୍ମକ ଶିକ୍ଷା ଯୋଗାଇ ଦେଇ ଆଦର୍ଶ ବିଦ୍ୟାଳୟର ମାନ୍ୟତା ପାଇବେ ସେ ନେଇ ପ୍ରୟାସ ଜାରି ରଖିବେ। ଟ୍ରଷ୍ଟର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲୀ ଯୋଗଦେଇ ଟ୍ରଷ୍ଟର ଏଭଳି ନିଆରା ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ନିରନ୍ତର ଉଦ୍ୟମ କରି ଭଲ ପାଠ ପଢିବାକୁ ପରାମର୍ଶ ଦେଇ ସମ୍ବର୍ଦ୍ଧିତ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଚଳିତବର୍ଷ ମେଟ୍ରିକ ପରୀକ୍ଷାରେ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ୩୧ଜଣ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଉନ୍ନତମାନର ଶିକ୍ଷାଦାନ ପାଇଁ ୧୨ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆଦର୍ଶ ଶିକ୍ଷକ ଏବଂ ଗୁଣାତ୍ମକ ଶିକ୍ଷା ପାଇଁ ୬ଟି ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ରୂପେ ସମ୍ବର୍ଦ୍ଧିତ କରାଯାଇଥିଲା।ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ମିଶ୍ର, ସମ୍ବାଦର ମୁଖ୍ୟ ରିପୋର୍ଟର ଚୌଧୁରୀ ଅମିତାଭ ଦାସ, ସମାଜସେବୀ ନାରାୟଣ ମହାପାତ୍ର, ଉମାଦେଈ ବ୍ରହ୍ମପୁରର ସରପଞ୍ଚ ରମାଳତା ନାୟକ, ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ଷ୍ଟାଲିନ ପରିଜା, ସମାଜସେବୀ ତଥା ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଓ ଶିକ୍ଷାବିତ୍ ନାରାୟଣ ବେହେରା ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଶେଷରେ ଦୀନବନ୍ଧୁ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ତାପସ ରଞ୍ଜନ ମଲ୍ଲିକ ଏବଂ ସମାଜସେବୀ ଲକ୍ଷ୍ମଣ ଜେନା ପରିଚାଳନାରେ ସହଯୋଗ କରିଥିଲେ।

# ଆନନ୍ଦପୁର ପ୍ରେସ ପରିଷଦ ପକ୍ଷରୁ ଶାନ୍ତି ମଠ ଠାରେ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଦ୍ୱାରା ବୃକ୍ଷରୋପଣ

ଆନନ୍ଦପୁର:୬/୮(ଆ.ପ୍ର.):ଆନନ୍ଦପୁର ପ୍ରେସ ପରିଷଦ ପକ୍ଷରୁ ଛତିଆବଟ ଶାନ୍ତି ମା' ଆଶ୍ରମରେ ୧୫ତମ ଅଧିବେଶନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆନନ୍ଦପୁର ପ୍ରେସ ପରିଷଦର ସଭାପତି ନିରାକାର ଦଳେଇଙ୍କ ସଂଯୋଜନାରେ ପରିଷଦର ୧୫ତମ ଅଧିବେଶନ ବୈଠକରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ସମ୍ମାନୀତ ଅତିଥି ଭାବେ ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ରମାକାନ୍ତ ନାୟକ, ଆନନ୍ଦପୁର ଥାନା ଇନ୍ସପେକ୍ଟର ଦ୍ୱାରିକାନାଥ ସେଠୀ ଯୋଗ ଦେଇଥିବା ବେଳେ ପରିଷଦର ସଭାପତି ନିରାକାର ଦଳେଇ ଅତିଥି ପରିଚୟ ପ୍ରଦାନ କରିବା ପରେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନୀତ କରାଯାଇଥିଲା । ପ୍ରେସ ପରିଷଦର ସମ୍ପାଦକ ବିବରଣୀ ପାଠ କରିବା ସହିତ ପ୍ରେସ ପରିଷଦର ସମସ୍ୟା ସମ୍ପନ୍ଧରେ ଉପଜିଲ୍ଲାପାଳଙ୍କୁ ଦୃଷ୍ଟି ଆକର୍ଷଣ କରାଇବା ସହିତ ଗ୍ରାମାଞ୍ଚଳରେ ପରିଷଦ ତରଫରୁ ସ୍ୱାସ୍ଥ୍ୟ ଶିବିର ସହିତ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ । ଆଗାମୀ ଡିସେମ୍ବର ମାସ ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାପାଇଁ ନିଷ୍ପତ୍ତି ନିଆଗଲା । ଏହି ବୈଠକରେ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଦ୍ୱରା ମଠର ଚତୁଃପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଛି । ଏଥିରେ ପରିଷଦର ସମସ୍ତ ସଭ୍ୟ ଉପସ୍ଥିତ ଥିବାବେଳେ ବୃକ୍ଷ ହିଁ ଜୀବନ ସମାଜକୁ ଏକ ବାର୍ତ୍ତା ପ୍ରଦାନ କରିଥିଲେ । ବନଭୂମି ସମାଚାର ନାମକ ପାକ୍ଷିକ ସମ୍ବାଦପତ୍ର ଉପଜିଲ୍ଲାପାଳଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ପ୍ରଫୁଲ ମହାନ୍ତି, ପଦ୍ମନାଭ ସାହୁ, ଯୁବ ସାମ୍ବାଦିକ ନିର୍ମଳ ଚନ୍ଦ୍ର ରାଉଳ, ଅଭିନ୍ନ ରଣା, ଶ୍ରୀନିବାସ ମିଶ୍ର, ରତିକାନ୍ତ ସାହୁ, ଭରତ କୁମାର ବେହେରା, ମକରଧ୍ୱଜ ସାହୁ, ଗଣେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ମକରଧ୍ୱଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାର ଖଣି ଅଞ୍ଚଳରେ ବନ ଉନ୍ନୟନ ନିଗମ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ



କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲାରେ ବିଭିନ୍ନ ଖଣି ଅଂଚଳରେ ଖଣିଜ ଉତ୍ତୋଳନ ପାଇଁ ଜଙ୍ଗଲ ନଷ୍ଟ ହୋଇ ପରିବେଶ ଦୂଷିତ ହେଉଥିବା ବେଳେ କେନ୍ଦୁଝର ବନ ଉନ୍ନୟନ ନିଗମ କିସମର ଚାରା ରୋପଣ ଭବିଷ୍ୟତରେ ପରିବେଶକୁ ସନ୍ତୁଳିତ କରିବାକୁ ସହାୟକ ହେବ। ଏହି ପରିପ୍ରେକ୍ଷୀରେ ଓଡିଶା ବନ ଉନ୍ନୟନ ନିଗମ, କେନ୍ଦୁଝର ତରଫରୁ ଖଣିଜ ଅଂଚଳରେ ବ୍ୟାପକ ବୃକ୍ଷରୋପଣ କରାଯାଉଛି । କ୍ଷେତ୍ରୀୟ ପରିଚାଳକ ସୁରେଶ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଣି ଅଂଚଳରେ ବୃକ୍ଷରୋପଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଗନ୍ଧମାର୍ଦ୍ଦନ ଇସ୍ପାତ ଖଣି ଅଂଚଳରେ ୪ ହଜାର, ବଡବିଲସ୍ଥ ବାଂଶପାଣିରେ ୧ ହଜାର, ଜିଲିଂ ମାଇନ୍ସ ୨ ହଜାର, ଦୁବୁନା ମାଇନ୍ସ ୩ ହଜାର, ଖଣ୍ଡବନ୍ଧ ମାଇନ୍ସ ୨ ହଜାର, ଗୋଆଲି ମାଇନ୍ସ ୫ ହଜାର, କୁର୍ମିତା ୩ ହଜାର ଏ ପ୍ରକାରେ ୨୦ ହଜାର ବୃକ୍ଷ ରୋପଣ କରାଯାଇଛି । ରାସ୍ତାର ପ୍ରଶସ୍ତିକରଣ ପାଇଁ ଯେଉଁ ଗଛ ଗୁଡିକ କଟା ଯାଇଥିଲା ତାକୁ ସ୍ୱତନ୍ତ୍ର ଡିପୋ କରି ଲୋକଙ୍କ ଜାଳେଣି ପାଇଁ ବିକ୍ରୀ କରାଯାଇ ଲବ୍ଧ ଅର୍ଥ ସରକାରଙ୍କ ତହବିଲରେ ଜମା କରାଯାଉଛି । ଏହି ବୃକ୍ଷରୋପଣରେ ବିଭିନ୍ନ କିସମ ତଥା - ଶାଳ, ଶିଶୁ, ବାହାଡା, କର, ଅଁଳା, ଫାସି, ଜାମୁ, ପଣସ ପ୍ରଭୃତିର ଚାରା ଲଗାଯିବା ସଙ୍ଗେ ସଙ୍ଗେ ଏହାର ସୁରକ୍ଷା ନିମନ୍ତେ ମଧ ବନ ଉନ୍ନୟନ ନିଗମ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଏହା ବ୍ୟତୀତ ଆଖପାଖରେ ବସବାସ କରୁଥିବା ଅଧିବାସୀ ମାନଙ୍କୁ ଏହିସବୁ ଗଛର ସୁରକ୍ଷା ପାଇଁ ମଧ ସଚେତନ ନିଗମ ପକ୍ଷରୁ କରାଯାଉଛି ବୋଲି ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray